୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.234 Bhubaneswar Monday October 28 2024 | ୨୬ତମ ବର୍ଷ ସଂଖ୍ୟା–୨୩୪ ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଏରିୟଲ ସର୍ଭେ ପରେ ମୁଖ୍ୟମନ୍ତ୍ରୀ କହିଲେ- ଏବେ ସୁଦ୍ଧା ଆଶ୍ରୟସ୍ଥଳୀରେ ଅଛନ୍ତି ୩୦ ହଜାର ଲୋକ

ଭୁବନେଶ୍ୱର,୨୭।୧୦(ପି.ଏନ): ବାତ୍ୟା ଆଶ୍ରୟସ୍ଥଳୀରେ ଅଛନ୍ତି ୩୦ ହଜାର ଲୋକ। ଏରିୟଲ ସର୍ଭେ ପରେ ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏବେ ସୁଦ୍ଧା ବାତ୍ୟା ପ୍ରଭାବିତ ୫୦ ହଜାର ଲୋକଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇପାରିନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ ପାରାଦୀପ, ମହାକାଳପଡା, ରାଜନଗର, ରାଜକନିକା ସମେତ ଚାନ୍ଦବାଲି ସମୁଦ୍ର ତଟବର୍ତ୍ତୀ ବାତ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବାତ୍ୟା ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ ମୁଖ୍ୟମନ୍ତ୍ରୀ।




## ମେଡିକାଲ କର୍ତ୍ତୃପକ୍ଷ ଜାଣି ପାରିଲେନି, ଅଦଳବଦଳ କରିଦେଲେ ଛୁଆ

ଭୁବନେଶ୍ୱର,୨୭।୧୦(ପି.ଏନ): ସରକାରୀ ମେଡିକାଲରେ ଆଜି ଏକ ଅଜବ ଘଟଣା ଘଟିଛି। ଛୁଆ ଅଦଳବଦଳ କରିଦେଲେ ମେଡିକାଲ କର୍ତ୍ତୃପକ୍ଷ। ଆଉ ଜଣାପଡ଼ିଲା ପରେ ନିଜ ଭୁଲ ସୁଧାରିଲେ ଓ ବଦଳ ହୋଇଥିବା ପୁଅକୁ ନିଜ ବାପା ମାଆଙ୍କୁ ଫେରାଇଲେ। ଏଭଳି ଅଜବ ଚିତ୍ର କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି।ପେଞ୍ଜିସାହିର ଲିଜା ମୁଖି ଗତ ୨୫ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ ନଥିବାରୁ ଝଘଉଟରେ ଭର୍ତ୍ତି କରାଯାଇଥିଲା। ତେବେ ହଠାତ କଣ ହେଲା କିଛି ଜଣାପଡ଼ିଲା ନାହିଁ। ଡାକ୍ତରଙ୍କ ପକ୍ଷରୁ କୁହାଗଲା ଛୁଆର ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି, ବ୍ରହ୍ମପୁର



ଏମକେସିଜି ସ୍ଥାନାନ୍ତର କରିବାକୁ ପଡ଼ିବ। ଯେଉଁଥିପାଇଁ ଚିନ୍ତାରେ ପଡ଼ିଯାଇଥିଲେ ଲିଜାଙ୍କ ପରିବାର। ପରେ ଏକ ଆମ୍ବୁଲାନ୍ସରେ ଛୁଆକୁ ଧରି ଏମକେସିଜି ଯାଇଥିଲେ। ସେଠାରେ ଡାକ୍ତର ଛୁଆର ଚେକଅପ୍ କରିଥିଲେ। ଆଉ ସେତେବେଳେ ପୁଅ ବଦଳରେ ଝିଅ ଥିବା ଛୁଆର ମାଆଙ୍କୁ କହିଥିଲେ ଡାକ୍ତର।ଡାକ୍ତରଙ୍କ ଠାରୁ ଏକଥା ଶୁଣିବା ପରେ ବାପା-ମାଆଙ୍କର ଅକଳ ଗୁଡୁମ ହୋଇଯାଇଥିଲା। ପୁଅ କେମିତି ଝିଅ ହେଲା, ସେ ଚିନ୍ତାରେ ପଡ଼ିଯାଇଥିଲେ। ଏନେଇ ନିଜ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲେ। ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚି ଝଘଉଟରେ ନିଜର ଶିଶୁପୁତ୍ରକୁ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ଝଘଉଟ ଆଗରେ ସମ୍ପର୍କୀୟ ହୋହଲ୍ଲା କରିଥିଲେ। ଏହାପରେ ମେଡିକାଲ କର୍ତ୍ତୃପକ୍ଷ ଶିଶୁପୁତ୍ରର ରେକର୍ଡପତ୍ର ଯାଞ୍ଚ କରିଥିଲେ।

## ୨୯ ତାରିଖରେ ଓଡିଶାକୁ ମିଳିବ ଆୟୁଷ୍ମାନ କାର୍ଡ: ଯୋଜନାର ଶୁଭାରମ୍ଭ କରିବେ ମୋଦୀ

ଭୁବନେଶ୍ୱର,୨୭।୧୦(ପି.ଏନ): ଆସନ୍ତା ୨୯ ତାରିଖରୁ ଓଡିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ ପଦକ୍ଷେପ ନେବାକୁ ଯାଉଛି । ୨୯ ତାରିଖରେ ରାଜ୍ୟରେ ଆରମ୍ଭ ହେବ ଆୟୁଷ୍ମାନ ଭାରତ ଯୋଜନା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିସି ଜରିଆରେ ଏହି ଯୋଜନାର ଶୁଭାରମ୍ଭ କରିବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ । ଆୟୁଷ୍ମାନ ଭାରତର ଶୁଭାରମ୍ଭ ନେଇ ବଡ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଏହି କାର୍ଡ ଜରିଆରେ ରାଜ୍ୟର ସମସ୍ତ ୭୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯିବ। ବୃଦ୍ଧାବସ୍ଥାରେ ଲୋକମାନଙ୍କୁ ସାହାରା ପାଲଟିବା ପାଇଁ ସରକାର ଚିକିତ୍ସା ସେବା ଯୋଗାଇ ଦେବାକୁ ଏହି ଯୋଜନାର ଶୁଭାରମ୍ଭ କରିବାକୁ ଯାଉଛନ୍ତି ।

## ଭୁବନେଶ୍ୱରରେ ପହଞ୍ଚିଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ଦିନିକିଆ ଗସ୍ତରେ ଆସିଛନ୍ତି ଓଡିଶା

ଭୁବନେଶ୍ୱର,୨୭।୧୦(ପି.ଏନ): ଭୁବନେଶ୍ୱରରେ ପହଞ୍ଚିଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା। ସେ ଦିନିକିଆ ଗସ୍ତରେ ଓଡିଶା ଆସିଛନ୍ତି। ଏକ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ସେ ସାମିଲ ହେବେ। ତେବେ ବିମାନବନ୍ଦରରେ ପହଞ୍ଚିବା ପରେ ବାଚସ୍ପତି ଓମ୍ ବିର୍ଲାଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଲୋକସଭା ବାଚସ୍ପତି କହିଛନ୍ତି ଯେ, ଓଡିଶାର ମାଟି, ଜଗନ୍ନାଥଙ୍କ



ମାଟିକୁ ଆସି ମୋତେ ବହୁତ ଖୁସି ଲାଗୁଛି। ଭାରତକୁ ବିକଶିତ ରାଷ୍ଟ୍ର କରିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଜୁନ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ଲୋକସଭାରେ ହୋଇଥିଲା। ଏଥିରେ ଓମ୍ ବିର୍ଲା କଂଗ୍ରେସର କେ. ସୁରେଶଙ୍କୁ ପଛରେ ପକାଇ ଲୋକସଭାର ବାଚସ୍ପତି ହୋଇଥିଲେ। ଏହାପରେ ସେ ବାଚସ୍ପତିର ଦାୟିତ୍ୱ ବହନ କରିଛନ୍ତି। ସେ ୧୮ ତମ ଲୋକସଭା ବାଚସ୍ପତି ଭାବେ ଦ୍ୱିତୀୟ ଥର ପାଇଁ ବାଚସ୍ପତି ହୋଇ ରେକର୍ଡ ସୃଷ୍ଟି କରିଛନ୍ତି।

## ବ୍ରିକ୍ସ ରାଷ୍ଟ୍ରମୁଖ୍ୟଙ୍କୁ ମୋଦିଙ୍କ ଉପହାର, ରହିଛି ଝାରଖଣ୍ଡ ଓ ମହାରାଷ୍ଟ୍ରର କଳାକୃତି

ଭୁବନେଶ୍ୱର,୨୭।୧୦(ପି.ଏନ): ନିକଟରେ ସରିଥିବା ବ୍ରିକ୍ସ ଶିଖର ସମ୍ମିଳନୀର ସଦସ୍ୟ ରାଷ୍ଟ୍ରମୁଖ୍ୟଙ୍କୁ ଭାରତର କଳାକୃତି ଏବଂ ହସ୍ତତନ୍ତ ଉପହାର କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।ଯେଉଁଥିରେ ଝାରଖଣ୍ଡର କଳାକୃତି ଏବଂ ମହାରାଷ୍ଟ୍ରର ହସ୍ତତନ୍ତ ରହିଛି।ସରକାରୀ ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ପ୍ରଧାନମନ୍ତ୍ରୀ ରୁଷ ଗସ୍ତ ସମୟରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଝାରଖଣ୍ଡ କଳାକୃତିର ଉପହାର ଦେଇଥିବାବେଳେ ମହାରାଷ୍ଟ୍ରର ହସ୍ତତନ୍ତ ଇରାନ ଏବଂ ଉଜବେକିସ୍ତାନର ରାଷ୍ଟ୍ରମୁଖ୍ୟଙ୍କୁ ଉପହାର ଦେଇଛନ୍ତି।



## କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ପରାମର୍ଶଦାତା କମିଟିରେ ବୈଜୟନ୍ତ ପଣ୍ଡା



ଭୁବନେଶ୍ୱର,୨୭।୧୦(ପି.ଏନ):କେନ୍ଦ୍ର ଅର୍ଥ ମନ୍ତ୍ରାଳୟର କନସଲଟେଟିଭ୍ କମିଟିରେ ସ୍ଥାନ ପାଇଲେ ସାଂସଦ ବୈଜୟନ୍ତ ପଣ୍ଡା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସଦସ୍ୟ ଭାବେ ସାମିଲ ହୋଇଛନ୍ତି କେନ୍ଦ୍ରାପଡା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା।ବୈଜୟନ୍ତଙ୍କ ସମେତ ଲୋକସଭାରୁ ୧୪ ଜଣ ଏବଂ ରାଜ୍ୟସଭାରୁ ୮ ଜଣ ସଦସ୍ୟ ଅର୍ଥ ମନ୍ତ୍ରାଳୟର କନସଲଟେଟିଭ୍ କମିଟିରେ ସ୍ଥାନ ପାଇଛନ୍ତି। ଏଥିସହ କମିଟିରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନରାମ ମେଘାୱାଲ ଓ ଏଲ୍. ମୁରୁଗାନ ଏକ୍ସ ଅଫିସିଓ ମେମ୍ବର ଭାବେ ରହିଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ଏହି କମିଟି ଗଠନ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଲୋକସଭା ବାଚସ୍ପତିଙ୍କ ଦ୍ୱାରା କିଟ୍ ପବ୍ଲିକ୍ ପଲିସି ସ୍କୁଲ୍ ଉଦଘାଟିତ

ଭୁବନେଶ୍ୱର, ୨୭।୧୦: ଦେଶ ଓ ରାଜ୍ୟରେ ସରକାର ଲୋକଙ୍କ ପାଇଁ ପ୍ରସ୍ତୁତ କରୁଥିବା ଲୋକନୀତିରେ ସାଧାରଣ ଲୋକଙ୍କ ଭାଗୀଦାରି ରହିବା ଉଚିତ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଆଜି କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବିର୍ଲା କହିଲେ, ଲୋକଙ୍କ ସାମାଜିକ, ଆର୍ଥିକ ଉନ୍ନତିରେ ଦେଶ ଓ ରାଜ୍ୟର ସମୃଦ୍ଧି ନିର୍ଭର କରେ। ସମାଜର ସବୁ ବର୍ଗର ଲୋକଙ୍କୁ ଯେପରି ସମାନ ଅଧିକାର ମିଳିପାରିବ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନ୍ୟାୟପୂର୍ଣ୍ଣ ବିତରଣ ହୋଇପାରିବ, ଏହାକୁ ଦୃଷ୍ଟିରେ ରଖି ଲୋକନୀତି ପ୍ରସ୍ତୁତ କରାଯିବା ଉଚିତ। ବିଭିନ୍ନ ସମୟରେ ସରକାର, ଘରୋଇ ସଂସ୍ଥା ଓ ଶିକ୍ଷ ସମୂହ ନୀତି ନିର୍ଦ୍ଧାରଣ କରିଥାନ୍ତି। ଏଥିରେ ସାଧାରଣ ଲୋକଙ୍କ ଯେତେ ପରିମାଣରେ ଯୋଗଦାନ ରହିବ ସେହି ଆଇନ ଓ ନୀତି ବାସ୍ତବ କ୍ଷେତ୍ରରେ ସେତେ ସଫଳ ହୋଇପାରିବ। ସରକାର ଲୋକଙ୍କ ପାଇଁ ଆଇନ୍ ଓ ନୀତି ପ୍ରଣୟନ ସମୟରେ ସାଧାରଣ ଲୋକ ଆଗଭର ହୋଇ ସେମାନଙ୍କ ମତାମତ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ି ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, ଏକ ଭଲ ଚିନ୍ତାଧାରାରୁ ଏକ ଭଲ ନୀତି ନିର୍ଦ୍ଧାରଣ ହୋଇପାରେ। ବିକଶିତ ଓଡ଼ିଶା ଗଠନରେ ଏଭଳି ଭଲ ଚିନ୍ତାଧାରାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ କିଟ୍ ସ୍କୁଲ୍ ଅଫ୍ ପବ୍ଲିକ ପଲିସିର ଯୋଗଦାନ ରହିବ ବୋଲି ସେ ଆଶା ପୋଷଣ କରିଥିଲେ। ଓଡ଼ିଶା




ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏଥିରେ ଯୋଗଦେଇ କହିଲେ, ସରକାର ଯେତେବେଳେ ଯୋଜନା ପ୍ରସ୍ତୁତ କରନ୍ତି ସେତେବେଳେ କୌଣସି ଜଣେ ବ୍ୟକ୍ତି ପାଇଁ ନୁହେଁ, ସମୂହ ବିକାଶ ନିମନ୍ତେ ନୀତି ପ୍ରସ୍ତୁତ କରିଥାନ୍ତି। ତେବେ ନୀତି ନିର୍ଦ୍ଧାରଣରେ କିଟ୍ ପବ୍ଲିକ୍ ପଲିସି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପ୍ରୟାସ ଜାରି ରହିବ ବୋଲି କହିଥିଲେ। ଓଡ଼ିଶା ଆଇନ, ଅବକାରୀ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ କହିଲେ, ଏକ ଉତ୍ତମ ଲୋକନୀତି ହେଉଛି ଏକ ଉତ୍ତମ ସରକାରର ପରିଚୟ। ଲୋକଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ନୀତି ନିର୍ଦ୍ଧାରଣ କରାଯାଇଥାଏ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଲେ ଅଚ୍ୟୁତ ସାମନ୍ତ ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ବତୀଘର। ଶ୍ରୀ ସାମନ୍ତ ଯାହା ଆଜି ହାସଲ କରିଛନ୍ତି ତାହା ହାସଲ କରିବା ପାଇଁ ଗୋଟିଏ ଜନ୍ମ ଯଥେଷ୍ଟ ନୁହେଁ। ଲୋକନୀତି ହେଉଛି କଣ କରିବା ଉଚିତ ଏବଂ କଣ ନ କରିବା ଉଚିତ। ସମାଜର ସବୁଠାରୁ ତଳସ୍ତରର ଲୋକଙ୍କ ନିକଟରେ ଯେପରି ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହୋଇପାରିବ ତାହାକୁ ଦୃଷ୍ଟିରେ ଲୋକନୀତି ପ୍ରସ୍ତୁତ ହେବା ଦରକାର। ଏଭଳି ନୀତି ପ୍ରସ୍ତୁତ ହେବା ଦରକାର ଯେଉଁଠି ସରକାର ଅପେକ୍ଷା ସାଧାରଣ ଲୋକଙ୍କ ଭାଗୀଦାରି ଅଧିକ ରହିଥିବ ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ଦେବା ସହ ଶ୍ରୀ ସାମନ୍ତ କିଟ୍ ପବ୍ଲିକ୍ ପଲିସି ସ୍କୁଲ୍ ଉପରେ ସୂଚନା ଦେଇ କହିଲେ, ଏହା ଏକ ବର୍ଷିଆ ପାଠ୍ୟକ୍ରମ ହୋଇଥିବା ବେଳେ ଏଥିରେ ନଲେଜ ପାର୍ଟନର ଅଛନ୍ତି ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଅନ୍ତର୍ଗତ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ୱାର୍ଲ୍ଡ ଆଫାୟାରସ (ଆଇସିଡବ୍ଲୁଏ) ଓ ଇଟାଲିର ଟରେନ୍‌ସ୍ଥିତ ୟୁନାଇଟେଡ୍ ନେସନ୍‌ସ ସିଷ୍ଟମ୍ ଷ୍ଟାଫ୍ କଲେଜ (ୟୁଏନ୍‌ଏସ୍‌ଏସ୍‌ସି)। ଅନ୍ୟମାନଙ୍କ ମଧ୍ୟରେ ଇକ୍ୱେଡରର ପ୍ରାକ୍ତନ ଉପରାଷ୍ଟ୍ରପତି ଓଟୋ ରାମନ, ବିଶିଷ୍ଟ ବଲିଉଡ୍ ନିର୍ଦ୍ଦେଶକ ତଥା ଅଭିନେତା ଡା. ଚନ୍ଦ୍ରପ୍ରକାଶ ଦ୍ୱିବେଦୀ, ଆଇସିଡବ୍ଲୁଏର ଅତିରିକ୍ତ ସଚିବ ନୂତନ କପୁର ମହାୱାର, ୟୁଏନ୍ ରେସିଡେଣ୍ଟ ସଂଯୋଜକ ଶୋମ୍ବି ସାର୍ପ, ଇଟାଲିସ୍ଥିତ ୟୁଏନ୍‌ଏସ୍‌ଏସ୍‌ସି ନିର୍ଦ୍ଦେଶକ ଡ. ଜାଫର ଯାଭନ, ନୂଆଦିଲ୍ଲୀସ୍ଥିତ ଏସିଆ ସୋସାଇଟି ପଲିସି ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଅକ୍ଷୟ ମାଥୁର, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କୁଳପତି ପ୍ରଫେସର ଶରଣଜିତ ସିଂହ ଓ କିଟ୍ ସ୍କୁଲ୍ ଅଫ୍ ଲ'ର ପ୍ରଫେସର ଏମେରିଟସ୍ ଏନ୍ ଏଲ୍ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା ଅଞ୍ଚଳରେ ସରପଞ୍ଚଙ୍କୁ ଅଟକାଇ ଠେଙ୍ଗାରେ ପିଟିଲେ ଦୁର୍ବୃତ୍ତ



ଭୁବନେଶ୍ୱର,୨୭।୧୦(ପି.ଏନ): ସରଞ୍ଚପଙ୍କୁ ଆକ୍ରମଣ। କିଛି ଯୁବକ ସଙ୍ଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଛନ୍ତି। ବାତ୍ୟା ପରବର୍ତ୍ତୀ ରିଲିଫ୍ ଓ ଥଇଥାନ କାର୍ଯ୍ୟର ତଦାରଖ କରିବା ପାଇଁ ସରପଞ୍ଚ ବାଇକ୍‌ରେ ଯାଉଥିବା ବେଳେ ଆକ୍ରମଣ ହୋଇଛି। ତାଙ୍କୁ ଏକ କଟକ ବଡ ମେଡିକାଲ୍ ?କୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଏ ନେଇ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି।

## 'ଦାନା' ଖୋଲିଲା ଆବାସ ପୋଲ୍; ରାଜସ୍ୱ ମନ୍ତ୍ରୀ ମାରିଲେ ତେରଛା ବାଣ

ଭୁବନେଶ୍ୱର,୨୭।୧୦(ପି.ଏନ): ବାତ୍ୟା 'ଦାନା' ଖୋଲିଲା ଆବାସ ପୋଲ୍। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପୂର୍ବ ବିଜେଡି ସରକାରକୁ ମାରିଲେ ତେରଚ୍ଛା ବାଣ। କହିଲେ, ବାତ୍ୟା ପ୍ରବଣ ଓଡିଶାରେ କାହିଁକି ପ୍ରତି ଥର ବାତ୍ୟାରେ ଝାଟି ମାଟି ଘର ଭାଙ୍ଗୁଛି ପିଏମ୍ ଆବାସ ଯୋଜନାରେ ହୋଇଛି କି ବ୍ୟାପକ ଅନିୟମିତତା।ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କରି ଆଜି ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଝାଟି ମାଟି ଘର ଭାଙ୍ଗିଥିଲେ ତାର ଅନୁଧ୍ୟାନ କରି ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦିଆଯିବ। କିନ୍ତୁ କାହିଁକି ଏତେ ଗରିବ ଶ୍ରେଣୀର ଲୋକ ପିଏମ୍ ଆବାସ ଯୋଜନାର ସୁବିଧା ଏଯାଏଁ ପାଇ ପାରିନାହାନ୍ତି ମନ୍ତ୍ରୀ କହିଛନ୍ତି ଆମ ସରକାର ଦୀର୍ଘ ମିଆଦି ପଦକ୍ଷେପ ନେବାକୁ ଯାଉଛନ୍ତି।

## ଆସନ୍ତାକାଲି ପାଗ ଅନୁକୂଳ ରହିଲେ, ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ବାତ୍ୟାପ୍ରଭାବିତ ଅଞ୍ଚଳର ଅନୁଧ୍ୟାନ କରିବେ

ଭୁବନେଶ୍ୱର,୨୭।୧୦(ପି.ଏନ): ବାତ୍ୟା 'ଦାନା'ରେ ୧୪ ଜିଲ୍ଲାର ୩୫ ଲକ୍ଷ ୯୫ ହଜାର ୧୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ୧୦୮ ବ୍ଲକ, ୧୬୭୧ ଗ୍ରାମ ପଞ୍ଚାୟତ, ୩୧ ସହରର ୪୨୬ ୱାର୍ଡ, ସମ୍ପୂର୍ଣ୍ଣ ପ୍ରଭାବିତ।ଆଜି ସକାଳ ୧୦ଟା ସୁଦ୍ଧା ୧୧୭୮ ରିଲିଫ ସେଣ୍ଟର କାର୍ଯ୍ୟକ୍ଷମ ଅଛି। ଲୋକେ ଫେରିବା ଆରମ୍ଭ କଲେଣି। ରନ୍ଧା ଖାଦ୍ୟ ମାଧ୍ୟମରେ ୮ ଲକ୍ଷ ୧୦ ହଜାର ୮୯୬ ଜଣ ଲୋକ ଉପକୃତ ହୋଇଛନ୍ତି। ରିଲିଫ ସେଣ୍ଟରରେ ରୋଷେଇ ସାତ ଦିନ ଯାଏଁ ଚାଲିବ।. ଆଂଶିକ କ୍ଷତିଗ୍ରସ୍ତ ଘର ପାଇଁ ପଲିଥିନ ଦିଆଯାଇଛି। ଘର କାମ ନ ସରିବା ଯାଏଁ ସେମାନେ ରିଲଫ ସେଣ୍ଟରରେ ଭୋଜନ କରି ପାରିବେ। ଆଜି ସକାଳ ଯାଏଁ ଜିରୋ କାଜୁଆଲଟି।ସେ ଆହୁରି କହିଛନ୍ତି, ୬ ଲକ୍ଷ ୫୯ ହଜାର ୮୪୨ ପଶୁ ପ୍ରଭାବିତ ହୋଇଛନ୍ତି। ଏଣେ ୭ ଲକ୍ଷ ୩୪ ହଜାର ୭୫ କୁକୁଡା ପ୍ରଭାବିତ। ପଶୁଙ୍କୁ ସାପ କାମୁଡା ମାମଲା ଭଦ୍ରକରେ ୪, ଯାଜପୁରରେ ଜଣେ ଓ କେନ୍ଦ୍ରାପଡ଼ା ୭ ନଜରକୁ ଆସିଛି। ସେହିପରି ୨୮ଜଣ ଲୋକଙ୍କୁ ସାପ କାମୁଡ଼ିଛି। ଏଥିରେ ଜଣେ ଡାକ୍ତର ବି ଅଛନ୍ତି ହେଲେ ସମସ୍ତେ ସୁସ୍ଥ ଅଛନ୍ତି। ୧ ଲକ୍ଷ ୨୫ ହଜାର ୯୧୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ୫୮୩୯ ଘର ସମ୍ପୂର୍ଣ୍ଣ ବା ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ପୀଡତମାନଙ୍କୁ ୨୩୨୨.୨ କ୍ୱିଣ୍ଟାଲ୍ ଚୁଡା ଓ ୭୫୫ ପଲିଥିନ ଦିଆଯାଇଛି। ୩୩୫ ମେଡିକାଲ ଟିମ ନିୟୋଜିତ ହ??।ଇଛନ୍ତି।ଏଣେ ବିଦ୍ୟୁତ ସରବାରହ କାମ ସରିଲାଣି। ବୁଢାବଳଙ୍ଗ ସତର୍କ ସ୍ତରର ୦.୩୫ ମିଟର ଉପରେ ଅଛି। ହେଲେ ବିପଦ ସଂକେତ ନାହିଁ। ଜଳ ନିଷ୍କାସନ ଆହୁରି ଗତିଶୀଳ ହେବ। ସନ୍ଧ୍ୟା ସୁଦ୍ଧା ସତର୍କ ସ୍ତର ତଳକୁ ଆସିବ। ଏସଆରସିଙ୍କ ପାଖକୁ ୧୪ ଜିଲ୍ଲାର ଜିଲାପାଳମାନେ ନଭେମ୍ବର ୨ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତାକାଲି ପାଗ ଅନୁକୂଳ ରହିଲେ, ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଅନୁଧ୍ୟାନ କରିବେ। କେନ୍ଦ୍ରକୁ ରିପୋର୍ଟ ଦିଆଯିବ। କେନ୍ଦ୍ରୀୟ ଟିମ ମଧ୍ୟ ଆସିବ। କ୍ଷତିପୂରଣ ବି ଦିଆଯିବ। ପକ୍କା ଘର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଅଛି। ହେଲେ ଏହା ବନ୍ୟାବାତ୍ୟାରେ ଭାଙ୍ଗୁଛି। ଏହାକୁ ଅନୁଧ୍ୟାନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେତେ ସଂଖ୍ୟାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ମିଳିଛି ଓ ବାକି କାହିଁକି ହୋଇନି, ତାହାର ରିପୋର୍ଟ ଦେବେ। ପଂଚାୟତିରାଜ ବିଭାଗ ଏ ଦିଗରେ କାମ ଆରମ୍ଭ କଲେଣି ଯେ ଘର କିପରି ନ ଭାଙ୍ଗିବ। ବାତ୍ୟାରେ କୌଣସି ଅସ୍ୱାଭାବିକ ମୃତ୍ୟୁ ହୋଇନି। ଜଣେ ୮୨ ବର୍ଷ ମହିଳାଙ୍କୁ ରିଲିଫ ସେଣ୍ଟର ଅଣାଯାଇଥିଲା। ତାଙ୍କୁ ଅସୁସ୍ଥ ଲାଗିବାରୁ ପୁଅ ଘରକୁ ନେଇଗଲେ, ହେଲେ ଆମ ଅଧିକାରୀ ତାଙ୍କୁ ପୁଣି ରିଲିଫ ସେଣ୍ଟରକୁ ଆଣିଲେ। ରିଲିଫ ସେଣ୍ଟରରେ ତାଙ୍କର ମୃତ୍ୟୁ ହେଲା। ପୋଷ୍ଟ ମର୍ଟମ ରିପୋର୍ଟ କହୁଛି ଯେ ତାଙ୍କ ବାର୍ଦ୍ଧକ୍ୟ ଓ ଆଘାତ ଜନିତ ମୃତ୍ୟୁ। କେନ୍ଦୁଝରରେ ମୃତ୍ୟୁ ବି ଅସ୍ୱାଭାବିକ ନୁହେଁ। ମୃତ୍ୟୁର ବନ୍ୟା କି ବାତ୍ୟା ସହ କୌଣସି ସମ୍ପର୍କ ନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଟିମ୍ ମିଳିତ ଭାବେ କାମ କରିଛି।

## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ମଶାଧୂପ, ଭଦ୍ରକରେ ଶ୍ୱାସରୁଦ୍ଧ ହୋଇ ମା'-ଝିଅ ସମେତ ୩ ଅସୁସ୍ଥ

ଭୁବନେଶ୍ୱର,୨୭।୧୦(ପି.ଏନ): ଆଜିକାଲି ଚାରିଆଡେ ଡେଙ୍ଗୁ ବ୍ୟାପିବାରେ ଲାଗିଛି । ବର୍ଷାଦିନେ ଚାରିଆଡେ ପାଣି ଜମି ରହୁଥିବାରୁ ମଶାମାନଙ୍କ ଉପଦ୍ରବ ବୃଦ୍ଧି ପାଇଥାଏ। ଫଳରେ ଡେଙ୍ଗୁ, ମ୍ୟାଲେରିଆ ପରି ରୋଗ ସୃଷ୍ଟି ହୋଇଥାଏ । ଏହି ରୋଗରୁ ରକ୍ଷା ପାଇବା ପାଇଁ ଏବଂ ମଶାଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଲୋକେମାନେ ବିଭିନ୍ନ ପ୍ରକାରର ମଶା ଧୂପ, ଝୁଣା, ବ୍ୟାଟେରୀଚାଳିତ ମେସିନ୍ ଓ ମଶା ମାରିବା ବ୍ୟାଟ୍?ର ଆଦି ବ୍ୟବହାର କରିଥା'ନ୍ତି। କିନ୍ତୁ ମଶା ମାରୁଥିବା ଏହି ଧୂପ ଆପଣଙ୍କ ପାଇଁ ହୋଇପାରେ କ୍ଷତିକାରକ।ଏହାର ଜ୍ୱଳନ୍ତ ଉଦାହରଣ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କାଁପଡା ପଞ୍ଚାୟତ ଅଧୀନ ଦକ୍ଷିଣପାରି ଗ୍ରାମରେ ଦେଖିବାକୁ ମିଳିଛି, ଯେଉଁଠାରେ ମଶାଧୂପରେ ଶ୍ୱାସରୁଦ୍ଧ ହୋଇ ମା-ଝିଅ ସମେତ ୩ଜଣ ଅସୁସ୍ଥ ହୋଇଛନ୍ତି। ଅସୁସ୍ଥ ହୋଇଥିବା ମା' ସସ୍ମିତା ଦାସ(୩୦) ଓ ଝିଅ ପ୍ରୀତିପ୍ରଭା (୧୦) ଏବଂ ପଡ଼?ଶୀ ଲିଜା ମଳିକ(୧୩) ବୋଲି ଜଣାଯାଇଛି। ଶନିବାର ରାତିରେ ଗୋଟେ କୋଠରିରେ ମଶାଧୂପ ଦେଇ ୩ଜଣ ଶୋଇଥିଲେ। ରବିବାର ସକାଳେ ସେମାନେ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ପରେ ସେମାନେ ପଞ୍ଚାୟତର ସରପଞ୍ଚଙ୍କୁ ଖବର ଦେଇଥିଲେ।ସରପଞ୍ଚ କୁନ୍ତଳା ମଳିକ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପରେ ଗ୍ରାମବାସୀ କୋଠରିର ଝରକା ଭାଙ୍ଗି ସେମାନଙ୍କୁ ସଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ଅସୁସ୍ଥ ମା' ଝିଅ ସମେତ ୩ଜଣଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ମା' ସସ୍ମିତା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।








# ଟି ଟାଇମ୍

## ୨୩ ବର୍ଷ ଧରି ବନ୍ଦ ଡାକ ବାକ୍ସ



ବ୍ରିଟେନ୍‌ର ସବୁଠାରୁ ବ୍ୟସ୍ତମୟ ଅଞ୍ଚଳରେ ଥିବା ଲୋକିନ୍ ଡାକ ବାକ୍ସଟି ଗତ ୨୩ ବର୍ଷ ହେଲା ବନ୍ଦ ରହିଛି । ବ୍ରିଟେନ୍‌ର ବର୍ମିଂଘମର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ୍‌ରେ ନବନିର୍ମାଣ କାମରେ ଲାଗିଥିବା ଶ୍ରମିକ ସେହି ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ଯେତେବେଳେ ଏହି ଡାକ ବାକ୍ସଟିକୁ ସେଠାରୁ ହଟା ଯାଇଥିଲା ଏବଂ ସେଥିରୁ ପ୍ରାୟ ଦେଢ଼ ଦଶକର ଚିଠି ମିଳିଥିଲା । ବ୍ରିଟିଶ୍ ଦୈନିକ ଟେଲିଗ୍ରାଫର ରିପୋର୍ଟ ମୁତାବକ ଏହି ଡାକ ବାକ୍ସକୁ ହଟାଇ ଥିବା ଶ୍ରମିକଙ୍କ କହିବା ମୁତାବକ ଏହି ବାକ୍ସଟିକୁ ଗତ ୨୩ ବର୍ଷ ହେଲା ଖାଲି କରାଯାଇନାହିଁ । ଏହି ଡାକ ବାକ୍ସଟି ବର୍ମିଂଘମ୍ ରେଳ ଷ୍ଟେସନର ଏଭଳି ସ୍ଥାନରେ ରହିଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି । ଏହି ଡାକ ବାକ୍ସଟିକୁ ଚଳିତ ବର୍ଷର ପ୍ରାରମ୍ଭରେ ସିଲ୍ କରିଦିଆଯାଇଥିଲା । ବ୍ରିଟେନ୍‌ର ରୟାଲ୍ ମେଲ ସେବା ଏହି ଡାକ ବାକ୍ସରେ ୧୯୮୯ରେ ପଡିଥିବା ଚିଠିକୁ ତା'ର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲା । ଏହି ଡାକ ବାକ୍ସ ଭିତରୁ ଅନେକ ପୋଷ୍ଟକାର୍ଡ ଏବଂ ଆମେରିକା, ଅଷ୍ଟ୍ରେଲିଆ ଭଳି ଦୂର ଦୂରାନ୍ତ ସ୍ଥାନକୁ ପଠାଯାଇଥିବା ଚିଠି ପତ୍ରଗୁଡିକ ମଧ୍ୟ ମିଳିଥିବା ଜଣାପଡିଛି ।

## ପୁରାଣ କାହାଣୀ

# ଅଗିରା ପୂର୍ଣ୍ଣିମା



ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ । କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି ।

ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ । ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି । ବୈଦିକ ଭାଷାରେ – 'ଅଗ୍ନୀ ମିଳେ ପୁରୋହିତଂ' ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା । ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି । କେବଳ ଗାଁରେ ନୁହେଁ ସହରରେ ମଧ୍ୟ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ । ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି । ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।

# ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ



ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର । ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ । ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ । ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ । ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ । ଦୃଷ୍ଟହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା । କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ଓ୍ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ୍ୟ ହୋଇପାରିବ ବୋଲି କମ୍ପାନୀ ଶିଖାଯାଇପାରେ । ଦୃଷ୍ଟହୀନଙ୍କ ପାଇଁ ହେପ୍ଟିକ୍ ଟେକ୍‌ନିକ୍‌ରେ ତିଆରି ଏହି ସ୍ମାର୍ଟ ଓ୍ୱାଚ୍ ସ୍ୱଳ୍ପ ମୂଲ୍ୟରେ ମିଳୁଥିବାରୁ ଏହା ଅଧିକ ଆଦୃତ କର୍ତ୍ତୃପକ୍ଷ ଆଶା ରଖିଛନ୍ତି । ସେମାନଙ୍କ ମତରେ ଦୃଷ୍ଟହୀନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲାଗି ପୂର୍ବରୁ ଏଭଳି ଉପକରଣ ତିଆରି ହୋଇଥିଲେ ମଧ୍ୟ ତାହାର ଆକାଛୁଆଁ ମୂଲ୍ୟ ଯୋଗୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ଏହି ସ୍ମାର୍ଟ ଓ୍ୱାଚ ସମସ୍ତ ଦୃଷ୍ଟହୀନଙ୍କୁ ସୁହାଇବା ବୋଲି ସେମାନେ ସୂଚିତ କରିଛନ୍ତି । ଏହି ସ୍ମାଟ୍ ଓ୍ୱାଚ୍‌କୁ ଯେ କୌଣସି ବ୍ଲ୍ୟୁ ଟୁଥ୍ ସହିତ ସଂଯୋଗ କରାଯାଇ ଜରୁରୀ ସୂଚନା ପଢ଼ାଯାଇପାରେ । ଏହି ସ୍ମାର୍ଟ ଓ୍ୱାଚ୍‌ରେ ପ୍ରଥମେ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସେ । ପରେ ଏହା ସହିତ ଜଡ଼ିତ ଆପ୍ଲିକେଶନ୍ ଉକ୍ତ ମେସେଜକୁ ବ୍ରେଲ୍ ଭାଷାରେ ଅନୁବାଦ କରିଥାଏ । ମେସେଜ ପ୍ରାପ୍ତ ହେବା ପରେ ଡଟ୍‌ର ଭାଇବ୍ରେଟର ୟୁଜରକୁ ସତର୍କ କରିଦେଇଥାଏ ।

# ୧୩ ବର୍ଷର ବାଳକ ପର୍ଣ୍ଣ ଭିଡିଓ ଦେଖି ୭ଜଣ ପିଲାଙ୍କୁ କଲା ଯୌନ ଶୋଷଣ



ଜଣେ ୧୩ ବର୍ଷୀୟ ନାବାଳକ ପର୍ଣ୍ଣ ସାଇଟ୍ ଦେଖି କରିଛି ଅଦ୍ଭୁତ କାଣ୍ଡ । ଅଶ୍ଳୀଳ ଭିଡିଓ ଦେଖି ୭ଜଣ ପିଲାଙ୍କୁ କରିଛି ଯୌନ ଶୋଷଣ । ଏମିତି ଏକ ଖବର ଏବେ ଖୁବ୍ ଭାଇରାଲ ସାଜିଛି । ଇଣ୍ଟରନେଟ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ସଉକ ହୋଇଯାଇଥିଲା ଏହି ପିଲାଟିର । ପର୍ଣ୍ଣ ଭିଡିଓ ଦେଖିବା ପରେ ମନରେ ତାର ବିକାର ଜାତ ହୋଇଥିଲା ଏବଂ ୭ଜଣ ଛୋଟ ପିଲାଙ୍କ ସହ କରିଥିଲା ଦୁଷ୍କର୍ମ । ଏହି ନାବାଳିକ ପିଲାକୁ ଗିରଫ କରିଛି ପୋଲିସ । ଅଧିକ ଅଶ୍ଳୀଳ ଭିଡିଓ ଦେଖିବା ଯୋଗୁଁ ଏମିତି କାଣ୍ଡ ପିଲାଟି କରିଛି ବୋଲି ପୋଲିସ କହିଛି । ଏଡି ମାମଲାରେ ପିଲାଟିର ମା' କହିଛନ୍ତି ସେ ପିଲାଟିକୁ ଅଧିକ ସମୟ ଦେଇପାରନ୍ତି ନାହିଁ । ଯାହା ଦ୍ୱାରା ସେ ଏମିତି ଖରାପ କାମ କରିଛି ।

ଇଣ୍ଟରନେଟରେ ପର୍ଣ୍ଣ ଭିଡିଓ ଦେଖିବା ଦ୍ୱାରା କେମିତି ପିଲାଙ୍କ ଉପରେ ଖରାପ ପ୍ରଭାବ ପଡେ, ତାର ଏକ ଉଦାହରଣ ଦେଖିବାକୁ ମିଳିଛି ।




ବିଗବସ୍ ସିଜିନ୍ ୬ର ପ୍ରତିଯୋଗୀ ସାନ୍ ଖାନ୍ ତାଙ୍କର ବୟାନବାଜିକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । କିଛି ଦିନ ପୂର୍ବରୁ ତାଙ୍କ ସିନେମା 'ଓ୍ୱାଜା ତୁମ ହୋ' ହୋଇଛି ରିଲିଜ୍ । ଏହି ସିନେମାରେ ସାନା ଟେଲିଭିଜନର ଲୋକପ୍ରିୟ ଅଭିନେତା ଗୁରମିତ ଚୌଧୁରୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି । ଏହି ସିନେମା କେବେ ଆସିଲା କେବେ ଗଲା କିଛି ଜଣାପଡିଲାନି । ସିନେମା ଫ୍ଲପ ହୋଇଗଲେ ମଧ୍ୟ ସାନା ତାଙ୍କ ବୋଲ୍ଡ ବୟାନ ପାଇଁ ପୁଣିଥରେ ଚର୍ଚ୍ଚାର ପରିଧୀକୁ ଆସିଛନ୍ତି । ନିଜର ଶରୀରକୁ ନେଇ ସେ କହିଛନ୍ତି ମୋ ପରି ଶରୀର ସମସ୍ତଙ୍କୁ ମିଳେନି । ସେ ତାଙ୍କର ଶରୀରକୁ ନେଇ ବହୁତ ଗର୍ବିତ । ଏହା ସହ ସେ କହିଛନ୍ତି ଅନେକ ନାୟିକା ତାଙ୍କ ପରି ଶରୀର ପାଇବା ପାଇଁ ଅନେକ ପରିଶ୍ରମ କରିଥାଆନ୍ତି । କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏପରି ଶରୀର ନଥାଏ । କେବଳ ଏତିକି ନୁହେଁ ସେ ନିଜେ ତାଙ୍କ ଶରୀରର ଜଣେ ବଡ ଫ୍ୟାନ ବୋଲି ପ୍ରକାଶ କରିଛନ୍ତି ସାନା ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ସମୁଦ୍ର ଭିତରେ ୭ ବର୍ଷ

୧୯୯୭ରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ଫ୍ଲୋରିଡା ନିବାସୀ ୮୬ ବର୍ଷିୟା ଲି ବାଷ୍ଟେଟର ସମୁଦ୍ରରେ ଜୀବନ ବିତାଉଛନ୍ତି । ସେ ବିଗତ ୭ ବର୍ଷ ଧରି ଲକଜୁରୀ କ୍ରୁଜ ସିପ କ୍ରିଷ୍ଟଲ ସେରେନିଟିରେ ରହୁଛନ୍ତି । ମୃତ୍ୟୁ ପୂର୍ବରୁ ଲିଙ୍କୁ ତାଙ୍କ ସ୍ୱାମୀ କହିଥିଲେ । ତାଙ୍କ ଅନ୍ତେ ସେ ଯେମିତି ଜାହାଜରେ ନରହିବା ଛାଡନ୍ତି । ଲି ତାଙ୍କର ୫୦ ବର୍ଷର ବୈବାହିକ ଜୀବନରେ ଅଧିକାଂଶ ସମୟ ଜାହାଜରେ ରହୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଘର ବିକି ଦେଇ ଜାହାଜରେ ରହିବାକୁ ଆରମ୍ଭ କଲେ । ଏଥିରେ ତାଙ୍କର ରହିବା, ଖାଇବା, ଡ୍ୟାନ୍ସ ପ୍ରୋଗ୍ରାମ, କକଟେଲ ପାର୍ଟି ଆଦି ସାମିଲ ହୋଇଛି ।

# ଇଲେକ୍ଟ୍ରିକ୍ ଚାମଚ



ଏବେ ଖାଦ୍ୟର ସ୍ୱାଦକୁ ପରିବର୍ତ୍ତନ କରିବ ଚାମଚ । ହଁ ସତରେ, ଜାପାନ, ଯୋକିଓସ୍ଥିତ ମେଇଜି ୟୁନିଭର୍ସିଟିର ବିଶେଷଜ୍ଞମାନେ ଏହି ବିଦ୍ୟୁତ୍ ଚାମଚ ବା କଣ୍ଟା ଚାମଚ ଡିଜାଇନ୍ କରିଛନ୍ତି । ଏହା ଯେ କୌଣସି ଲବଣ ବିହୀନ ତଥା କମ୍ ଲୁଣଯୁକ୍ତ ଖାଦ୍ୟର ସ୍ୱାଦକୁ ଲୁଣଯୁକ୍ତ କରିବାରେ ସାହାର୍ଯ୍ୟ କରିବ । ତେବେ ଏହି ଚାମଚରେ ଲୁଣ ନାହିଁ କିମ୍ବା ସତରେ ଏହା ଖାଦ୍ୟକୁ ଲୁଣିଆ କରି ନଥାଏ । ଏହି ଚାମଚରେ ଖାଦ୍ୟ ଖାଇବା ସମୟରେ ଏଥିରେ ଥିବା ଏକ ବଟନ୍‌କୁ ଅନ୍ କରିବା ଦ୍ୱାରା କମ୍ ଲୁଣଯୁକ୍ତ ଖାଦ୍ୟ ବି ସ୍ୱାଦିଷ୍ଟ ଲାଗେ । ଉକ୍ତ ଇଲେକ୍ଟ୍ରିକ୍ ଚାମଚରେ କମ୍ ଭୋଲ୍ଟର ବିଦ୍ୟୁତ ପ୍ରବାହିତ ହେଉଥିବା ଯୋଗୁ ଏହା ବିପଦମୁକ୍ତ । ଏହି ନୂଆ କୌଶଳ ବିଶେଷକରି ସୋଶାଲ୍ ଡାଏଟ୍ କରୁଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଗବେଷଣାରତ ବିଷେଷଜ୍ଞ ହିରୋମି ନାକାରୁମି କହିଛନ୍ତି । ଏହାବ୍ୟତୀତ ଡାଇବେଟିସ୍ ଓ ଲେ ବ୍ଲଡ୍‌ପ୍ରେସର ରୋଗୀ ମଧ୍ୟ ଏହି ଚାମଚ ବ୍ୟବହାର କରି କମ୍ ଲୁଣଯୁକ୍ତ ଖାଦ୍ୟରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା ନେଇପାରେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୨୮

# ଆନନ୍ଦର ଅନ୍ୱେଷଣରେ



ଅନୀତା ପଟ୍ଟନାୟକ

ଗୋଟିଏ ଫୁଲ ବଗିଚାରେ ଅନେକ ରଙ୍ଗର ଅନେକ ପ୍ରକାରର ଫୁଲ ଫୁଟିଥାଏ। ଗୋଲାପ, ଲିଲି, ସୂର୍ଯ୍ୟମୁଖି, ଚମ୍ପା, ଏହିପରି ଅନେକ ଫୁଲର ବାସ୍ନାରେ ବଗିଚାଟି ହସି ଉଠୁଥିଲା। ଦିନେ ଗୋଲାପ ଫୁଲଟିଏ ସୂର୍ଯ୍ୟମୁଖି ଫୁଲକୁ କହିଲା ଜାଣିବା ଅର୍ଥ ବଞ୍ଚିବା। ବଞ୍ଚୁଛୁ ଅର୍ଥ ଜାଣୁଛୁ। ବଞ୍ଚିବା ପାଇଁ ଯାହା ଜାଣୁଛୁ ତାହା ଜ୍ଞାନ। ମଣିଷ ଆମ ଠାରୁ ଅଧିକ ଦିନ ବଞ୍ଚେ ଓ ନିଜେ ସିଧା ହେବା ପାଇଁ ଶିକ୍ଷା ଲାଭ କରେ। ସୂଚନା ମଣିଷ ଭିତରେ ପରିବର୍ତ୍ତନ ଆଣେ। ବୁଝାଇବା, ଉଦାହରଣ, ଦୈନନ୍ଦିନ ଜୀବନ ପ୍ରଣାଳୀ ମନୁଷ୍ୟକୁ ତାର ଜୀବନର ଲକ୍ଷ୍ୟ ଆଡ଼କୁ ବାଟ ଦେଖାଇଥାଏ। ସେ ଆମ ଠାରୁ ଅଧିକା ଦିନ ବଞ୍ଚୁଥିଲେ ମଧ ତାର ଲକ୍ଷ୍ୟ ଆଡ଼କୁ ପାଦ ବଢ଼ାଇ ପାରିନଥାଏ।

ସୂର୍ଯ୍ୟମୁଖି ଫୁଲ କହିଲା ମଣିଷର ଜନ୍ମ ମୃତ୍ୟୁ ଅଛି। ଯେପରି ଫୁଲମାନେ ପ୍ରଫୁଟିତ ହୁଅନ୍ତି ଓ ମଉଳି ଯାଆନ୍ତି। ଭଗବାନ ଜ୍ଞାନ ଠାରୁ ଅଧିକ ଦିବ୍ୟଜ୍ଞାନ ପାଇବା ମନୁଷ୍ୟକୁ ଦେଇଛନ୍ତି, କିନ୍ତୁ କି ଦୁଃଖର ବିଷୟ ଯେ ଆମ ଫୁଲ ମାନଙ୍କର ଆଧାତ୍ମିକ ଜଗତକୁ ନିଜେ ନିଜେ ଯାତ୍ରା କରିବାର ଆଦୌ ସୁଯୋଗ ନାହିଁ। ମନୁଷ୍ୟ ଆମ ମାନଙ୍କୁ ତୋଳିନେଇ ଠାକୁରଙ୍କ ପାଦ ବା ମସ୍ତକରେ ଦେଲେ ହିଁ ଆମେ ପୂର୍ଣ୍ଣତା ଲାଭ କରିଥାଉ। ଲିଲି ଫୁଲଟିଏ କହିଲା ଥରେ ମତେ ମନୁଷ୍ୟ ତୋଳି ନେଇ ଜଣେ ସାଧୁଙ୍କ ଗଳାରେ ପିନ୍ଧାଇ ଦେଇଥିଲା। ସେ କହିଥିଲେ ମନୁଷ୍ୟର ଚିନ୍ତାଶୂନ୍ୟ ମନ ହିଁ ତାକୁ ମୁକ୍ତିର ଦ୍ୱାରଦେଶକୁ ନିଏ। ଜଣେ ବ୍ୟକ୍ତି ସାଧୁଙ୍କୁ ପଚାରିଥିଲା ସଂସାରୀ ପାଇଁ ଏହା କଣ ସମ୍ଭବ ? ସାଧୁ ଉକ୍ତ ବ୍ୟକ୍ତିକୁ କହିଲେ ତତେ ମୁଁ ସଂସାର ତ୍ୟାଗ କରିବାକୁ କହୁନାହିଁ। ଜୀବନରେ ସଚେତନତା ଆଣିବାକୁ କହୁଛି ଯାହା ପ୍ରକୃତି ସହିତ ସମନ୍ୱୟ ଆଣିବ। ତତେ ମାନବୀୟ ମୂଲ୍ୟବୋଧକୁ ଉଦଘାଟିତ କରିବାକୁ ହେବ। ସ୍ୱାର୍ଥପରତାକୁ ଜଳାଞ୍ଜଳୀ ଦେଇ ସାମୁହିକ ଉନ୍ନତିର ବୀଜରୋପଣ କରିବାକୁ ହେବ। ମାନବତ୍ୱରୁ ଦିବ୍ୟତ୍ୱକୁ ଯିବା ପାଇଁ ଏହା ଏକମାତ୍ର ଉପାୟ। ରଜନୀଗନ୍ଧା ଫୁଲ କହିଲା, ସେ ଦିନ ସଭାରେ ମୁଁ ବି ଥିଲି ସାଧୁ କହିଥିଲେ, କ୍ରାନ୍ତି ଅର୍ଥ ପରିବର୍ତ୍ତନ। ସଂକ୍ରାନ୍ତି ଏକ ସମୟ ଯାହାକି ମନୁଷ୍ୟକୁ ତାର ଅଭ୍ୟାସ ଓ ଚିନ୍ତାଧାରା ଓ ଚାଲିଚଳନରେ ପରିବର୍ତ୍ତନ ଆଣିବା ପାଇଁ ସୁଯୋଗ ଦିଏ। ଚମ୍ପା ଫୁଲ ଏକଥା ଶୁଣି କହିଲା, କି ଦୁଃଖର ବିଷୟ ଭଗବାନ ଆମକୁ କ୍ଷଣସ୍ଥାୟୀ କରିଛନ୍ତି। ଚଳତ୍ ଶକ୍ତି ଦେଇ ନାହାଁନ୍ତି। ଶିକ୍ଷା ଲାଭ କରିବାର ସୁଯୋଗ ଆମର ନାହିଁ କିନ୍ତୁ ଆମେ ସମସ୍ତଙ୍କୁ ସୁଗନ୍ଧ ଓ ଆନନ୍ଦ ପ୍ରଦାନ କରୁଛୁ। ମନୁଷ୍ୟକୁ ସବୁ ଦିଆଯାଇଥିଲେ ମଧ ବ୍ୟସ୍ତ ମାନବ ଆଧାତ୍ମିକ ଓ ପାର୍ଥିବ ଜଗତ ମଧ୍ୟରେ ସମନ୍ୱୟ ରକ୍ଷା କରି ପାରୁନାହିଁ। ମଣିଷ ଏ ବଗିଚାକୁ ଆସି କ୍ଷଣିକ ଆନନ୍ଦ ଅନୁସନ୍ଧାନ କରେ କାର୍ଯ୍ୟରେ ସଫଳତା ଓ ଦୈନନ୍ଦିନ କାର୍ଯ୍ୟ ସୂଚାରୁରୂପେ ସଂପାଦନ କରି କ୍ଷଣିକ ଆନନ୍ଦ ଖୋଜେ।

ଟଗର ଫୁଲଟି କହିଲା, ଆନନ୍ଦ କୌଣସି ବଜାରରେ ମିଳେ ନାହିଁ ବା କାରଖାନାରେ ତିଆରି କୌଣସି ବସ୍ତୁ ନୁହେଁ। ଅନ୍ଧ ଚଷମାଟିଏ ଲଗାଇ ଦେଖିବାକୁ ଚେଷ୍ଟା କଲାଭଳି ମନୁଷ୍ୟ ଆନନ୍ଦକୁ ନିଜ ଭିତରେ ନଖୋଜି ବାହାରେ ଖୋଜେ। ଏହି ସମୟରେ ବଗିଚାର ମାଳି ଅଳିଆ ଡ଼ବାରେ ବଗିଚାର ଅଳିଆ ସବୁ ଗୋଟାଇ ଏକାଠି କଲା। ଅଳିଆ ଡବାଟି ବଗିଚାରେ ରହି ଫୁଲ ମାନଙ୍କର କଥୋପକଥନ ଶୁଣୁଥିଲା। ସେ କହିଲା ମଣିଷ ମୂଲ୍ୟହୀନ କାମନା, ଅଦରକାରୀ ଶତୃତା, କୌଣସି କାରଣ ନଥାଇ ଅସୂୟାଭାବ, ଅସ୍ୱାସ୍ଥ୍ୟକର ପ୍ରତିଯୋଗିତାରେ ନିଜର ମନକୁ ଭରି ରଖୁଛି ଯେତେବେଳେ ସେ ଉପଲବ୍ଧି କରୁଛି ଯେ ସେ ତୁଚ୍ଛ ବୋଝ ମୁଣ୍ଡାଇଛି ସେ ତାକୁ ଫିଙ୍ଗି ଦେବାକୁ ଚେଷ୍ଟା କରେ। ତାର ମୁଣ୍ଡଟା ମୋର ଅଳିଆରଖା ପାତ୍ର ପରି ହୋଇଯାଏ। ମାଳି ମୋ ଭିତରେ ଥିବା ଅଳିଆକୁ ଫିଙ୍ଗିଦେବା ପରେ ମୁଁ ସଫା ହୋଇଯାଏ। ସେହିପରି ମନୁଷ୍ୟ ତାର କାମନା ବାସନା ରୂପ ଅଳିଆକୁ ଫିଙ୍ଗି ଦେଇ ପାରିଲେ ଆତ୍ମଜ୍ଞାନୀ ଓ ଆନନ୍ଦ ପାଇପାରିବ। ବୁଦ୍ଧ ସେଥିପାଇଁ କହିଥିଲେ କାମନାର ବିନାଶରେ ଦୁଃଖର ବିନାଶ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ବିଜୁବାବୁଙ୍କ ବୀରତ୍ୱର ଦିନଟିଏ



ବିପିନ ବିହାରୀ ରାଉତ

ଅକ୍ଟୋବର ୨୭ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବୀରତ୍ୱର ଦିନଟିଏ। ୧୯୪୭ ମସିହାର ଏହି ଦିନରେ ପାକିସ୍ତାନୀ ସେନାର ଗୁଳିଗୋଳା ବର୍ଷଣକୁ ବେଖାତିର କରି ବିଜୁ ପଟ୍ଟନାୟକ ସେନାକୁ କାଶ୍ମୀରର ଶ୍ରୀନଗର ବିମାନ ଘାଟିରେ ପ୍ରଥମେ ପହଞ୍ଚାଇଥିଲେ। ଆଜି ଦେଶ ସଗୌରବେ ଏହି ଦିନଟିକୁ ପାଳନ କରୁଛି ଏବଂ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଉଛି। କୁହାଯାଏ ଯଦି ସେହିଦିନ ଭାରତର ସୈନିକମାନେ ଶ୍ରୀନଗରରେ ପହଞ୍ଚିନଥାନ୍ତେ ତେବେ ହୁଏତ ଜାମ୍ମୁ-କାଶ୍ମୀର ଆଜି ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିନଥାନ୍ତା। ଶ୍ରୀନଗରରୁ ମାତ୍ର ୩୦ କିମି ଦୂରରେ ପହଞ୍ଚି ସାରିଥିବା ପାକିସ୍ତାନ ସେନାର କବ୍‌ଜାକୁ ଚାଲିଯାଇଥାନ୍ତା। ବିଜୁବାବୁ ହିଁ ସେହି ବ୍ୟକ୍ତି ଯିଏ କାଶ୍ମୀର ସୁରକ୍ଷାର ସମ୍ପୂର୍ଣ୍ଣ ଶ୍ରେୟ ପାଇବେ। ସେତେବେଳକୁ ଭାରତ ସ୍ୱାଧୀନ ହୋଇସାରିଥିଲା। କିନ୍ତୁ କାଶ୍ମୀର ଭାରତ ସହ ମିଶିନଥିଲା। ମହାରାଜା ହରି ସିଂ କାଶ୍ମୀରର ଶାସନକର୍ତ୍ତା ଥିଲେ। ପାକିସ୍ତାନ କାଶ୍ମୀର ଅଧିକାର କରିବାକୁ ଅଭିଯାନ ଆରମ୍ଭ କରିଥିଲା ଏବଂ ସଫଳତା ପରେ ସଫଳତା ପାଇ ଚାଲିଥିଲା। ହରି ସିଂ ଭାରତର ସହାୟତା ଲୋଡ଼ିଥିଲେ ମଧ୍ୟ ସେନା ପହଞ୍ଚିବା ସମ୍ଭବପର ନଥିଲା। ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ବିଜୁ ପଟ୍ଟନାୟକଙ୍କ ପରାମର୍ଶ ଲୋଡ଼ିଥିଲେ ଓ କିଭଳି ଶ୍ରୀନଗରକୁ ସେନା ଯିବ ସେଥିପାଇଁ ବିଚାରମର୍ଷ କରିଥିଲେ। ପାକିସ୍ତାନୀ ସେନାର ବଳୟ ଭିତରେ ପଶି ଶ୍ରୀନଗରରେ ଭାରତୀୟ ସେନାବାହିନୀକୁ ପହଞ୍ଚାଇବାର ଏକ ଦୁଃସାହସିକ କାର୍ଯ୍ୟ କିଏ କରିବ ସେ ନେଇ ସ୍ଥିର ହୋଇପାରି ନଥିଲା। ଶେଷକୁ ବିଜୁ ପଟ୍ଟନାୟକ ହିଁ ଆଗଭର ହୋଇଥିଲେ ଓ ଭାରତୀୟ ସେନାକୁ ଶ୍ରୀନଗରରେ ପହଞ୍ଚାଇବାର ଦାୟିତ୍ୱ ନେଇଥିଲେ। ୧୯୪୭ ମସିହା ଅକ୍ଟୋବର ୨୭ ତାରିଖ ଭୋରରୁ ଭାରତୀୟ ସେନା ଶ୍ରୀନଗରରେ ପହଞ୍ଚିଥିଲା। ଶିଖ୍ ରେଜିମେଣ୍ଟର ସୈନିକମାନେ ସେଠାରେ ପ୍ରଥମେ ପହଞ୍ଚିଥିଲେ। ପରେ ପାକିସ୍ତାନ ସେନାବାହିନୀ ପଛଘୁଞ୍ଚା ଦେଇଥିଲା ଓ କାଶ୍ମୀର ସୁରକ୍ଷିତ ରହିଥିଲା। ଦେଶ ଆଜି ସେହି ବୀରତ୍ୱର ୭୦ତମ ଦିବସ ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ବୀର ଯବାନମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ ଏ ନେଇ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛି। ଗୌରବର ବିଷୟ ଯେ ଯଦିଓ ଭାରତ ସରକାର ବୀରତ୍ୱର ଏହି ଦିବସରେ ବିଜୁ ପଟ୍ଟନାୟକଙ୍କୁ ମନେପକାଇ ନାହାନ୍ତି, ତେବେ ସୋସିଆଲ ମିଡ଼ିଆରେ ବିଜୁବାବୁଙ୍କ ନାମ ଉଲ୍ଲେଖ ହୋଇଛି। ଉତ୍ତରପ୍ରଦେଶ ଆଗ୍ରାର ଅମିତ ଜୟସ୍ୱାଲ ଜୈନ ନାମକ ଜଣେ ବ୍ୟକ୍ତି ବିଜୁବାବୁଙ୍କ ଫଟୋ ସହ କିଭଳି ସେ ଦିନ ଶ୍ରୀନଗରରେ ବିଜୁବାବୁ ତାଙ୍କର ପ୍ରଥମ ବିମାନ ଓହ୍ଲାଇଥିଲେ, ତାହା ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି ଯେ, ଓଡ଼ିଶାର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନିଜେ ପାଇଲଟିଂ କରି ପ୍ରଥମ ବିମାନ ଶ୍ରୀନଗରରେ ୧୯୪୭ ମସିହା ଅକ୍ଟୋବର ୨୭ ତାରିଖରେ ଓହ୍ଲାଇଥିଲେ। ତାହା ଥିଲା ତାଙ୍କର ଡକୋଟା ବିମାନ। ଅମିତଙ୍କ ଏହି ଟ୍ୱିଟ ପରେ ସୋସିଆଲ ମିଡ଼ିଆରେ ଅନେକ ଲୋକ ଏକଥା ପୂର୍ବରୁ ଜାଣିନଥିବା ନେଇ ଉଲ୍ଲେଖ କରିବା ସହ ବିଜୁବାବୁଙ୍କ ବୀରତ୍ୱକୁ ପ୍ରଶଂସା କରିଛନ୍ତି। ରାଜେନ୍ଦ୍ର ଆସ୍ଥାନା ଲେଖିଛନ୍ତି ଯେ ବିଜୁବାବୁଙ୍କ ଡକୋଟା ବିମାନକୁ ସେତେବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୫୦୦ ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତା ହାତରେ ଲାଠିଧରି ପାଇଲଟିଂ କରାଇଥିଲେ। ସନ୍ଧ୍ୟା ଜୈନ ସାଲ୍ୟୁଟ, ବିଜୁଦା, ବୋଲି ଲେଖିଥିବାବେଳେ ଅନେକ ବ୍ୟକ୍ତି ବିଜୁବାବୁଙ୍କ ସାହସକୁ ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ସେନାର ଉତ୍ତରାଞ୍ଚଳ, କମାଣ୍ଡ ପକ୍ଷରୁ ଏ ନେଇ ଏକ ଟ୍ୱିଟ୍ କରାଯାଇଥିବାବେଳେ ବିଜୁବାବୁଙ୍କ କଥା ସାଂସଦ ବୈଜୟନ୍ତ ପଣ୍ଡା ସେହି ଟ୍ୱିଟର ଉତ୍ତରରେ ଦର୍ଶାଇଛନ୍ତି। ବିଜୁବାବୁଙ୍କ ବୀରତ୍ୱର ଗାଥା ଦେଶର ସ୍ୱାଧୀନତା ଆନ୍ଦୋଳନ ଓ ସୁରକ୍ଷା ଇତିହାସରେ ଅଲିଭା ସ୍ୱାକ୍ଷର ହୋଇ ରହିଛି। ଇଣ୍ଡୋନେସିଆର ସୁରକ୍ଷା ହେଉ ଅବା କାଶ୍ମୀରର, ସବୁଠି ତାଙ୍କ ବୀରତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତେବେ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜୁବାବୁଙ୍କ ଜୀବନ ଦେଶପ୍ରେମ ଓ ଦୁଃସାହସର ସମ୍ମିଶ୍ରଣ। ଯଦିଓ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନରେ ବିଜୁବାବୁଙ୍କର ଦୁଃସାହସିକତା ଗୁରୁତ୍ୱ ଲାଭ କରିଛି ତେବେ କାଶ୍ମୀରର ସୁରକ୍ଷାରେ ତାଙ୍କର ଅବଦାନ କମ୍ ନଥିଲା।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

# ବିକଶିତ ଓଡ଼ିଶା : ଅନେକ ଆଶା, ଭରସା



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଓଡ଼ିଶାବାସୀ ଦୁଦୀର୍ଘ ଚବିଶ ବର୍ଷର ପୁରୁଣା ସରକାରଙ୍କୁ ବଦଳାଇ ପରିବର୍ତ୍ତନର ମୂଳମନ୍ତ୍ର ସ୍ୱରୂପ ନୂଆ ସରକାରଙ୍କୁ ଆଣିଛନ୍ତି। ଏମିତିରେ ଯେ ବିଗତ ସରକାର କିଛି କରିନଥିଲେ ତାହା ନୁହେଁ ଅନେକ କିଛି ବିକଶିତ କାର୍ଯ୍ୟକ୍ରମର ମୂଳଦୁଆ ଗତ ସରକାର ସମୟରେ ପଡ଼ିଥିଲା। ତେବେ ଏ ସବୁ ସତ୍ତ୍ୱେ ଓଡ଼ିଶା ଆଜି ବି ପୂର୍ଣ୍ଣାଙ୍ଗ ଭାବେ ବିକଶିତ ହୋଇପାରିନାହିଁ। ଏହି ପ୍ରସଙ୍ଗକୁ ନେଇ ଅନେକଙ୍କ ଭିତରେ ତର୍କବିତର୍କ ଓ ଆଲୋଚନା ପର୍ଯ୍ୟାଲୋଚନା କେବଳ ଯାହା ହୁଏ। ସମସ୍ତେ ଜାଣନ୍ତି ଯେ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ଏଠି ବର୍ଷାର ଅଭାବ ନାହିଁ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏଇ ପ୍ରଦେଶରେ ଖଣିଜ ସଂପଦ ଅପର୍ଯ୍ୟାପ୍ତ ଏବଂ ଉପକୂଳବର୍ତ୍ତୀ ରାଜ୍ୟ ଭାବେ ସମୁଦ୍ର ତଟ ପ୍ରାୟ ୪୮୫ କିଲୋମିଟର ଦୀର୍ଘ। ଏ ସବୁର ସଦୁପଯୋଗ ଦ୍ୱାରା ଆମ ରାଜ୍ୟବାସୀଙ୍କ ଭାଗ୍ୟ ପରିବର୍ତ୍ତନ ସମ୍ଭବ।

ପ୍ରଥମତଃ ଆମର ଉଦବେଗର ଗୋଟିଏ ପ୍ରଧାନ କାରଣ ହେଉଛି କୃଷିର ଅବନତି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ଅନେକ ଥର କେନ୍ଦ୍ର ସରକାରଙ୍କ ଠାରୁ ପୁରସ୍କୃତ ମଧ ହୋଇଛି। ବର୍ତ୍ତମାନର ବଜାରର ଚଢ଼ା ଦରଦାମ ଓ ନିଅଣ୍ଟିଆ ପରିସ୍ଥିତିକୁ ଦେଖିଲେ କୃଷି ପ୍ରଧାନ ରାଜ୍ୟର ଏହି ଅବନତି ନିଶ୍ଚିନ୍ତ ଭାବେ ଦୁଃଖଦ। ନୂଆ ପିଢ଼ିର ଯୁବକ, କାର୍ଯ୍ୟକ୍ଷମ ଲୋକେ ଗାଁ ଛାଡ଼ି ସହରକୁ ଆସିବା ପାଇଁ ବ୍ୟଗ୍ର, ଚାଷ ପ୍ରତି ବିମୁଖ। କୃଷିକୁ ଅର୍ଥ ଉପାର୍ଜନର ଏକ ମୁଖ୍ୟ ଉତ୍ସରେ ପରିଣତ କରିବା ପାଇଁ ଆର୍ଥିକ ବ୍ୟବସ୍ଥାର ଆବଶ୍ୟକତା ଅଛି, ସେଥିପ୍ରତି ସରକାର ଦୃଷ୍ଟି ଦେବା ଅନିବାର୍ଯ୍ୟ। ଚାଷୀମାନଙ୍କୁ ଉଚିତ ମୂଲ୍ୟ ମିଳିବା ପାଇଁ ଆବଶ୍ୟକ ଆନୁଷ୍ଠାନିକ ସମର୍ଥନ ସରକାରଙ୍କର ଦାୟିତ୍ୱ। ଏହା ସମସ୍ତଙ୍କୁ ଜଣା ଯେ ଯେଉଁ ପନିପରିବା, ଫଳମୂଳ ଆମେ କିଲୋ ଚାଳିଶ ବା ପଚାଶ ଟଙ୍କାରେ କିଣୁ, ସେଥିରୁ ଦଶ ପ୍ରତିଶତ ଚାଷୀକୁ ମିଳେ। ସେଇଭଳି ଚାଉଳ, ଡାଲି ଇତ୍ୟାଦି ଶସ୍ୟରେ ଅଧାରୁ ବେଶୀ ଟଙ୍କା ମଧସ୍ଥି ଓ ମୁନାଫାଖୋରମାନେ ଲୁଟି ନିଅନ୍ତି। କୃଷି ସହିତ ହସ୍ତତନ୍ତ, ଗ୍ରାମୀଣ କ୍ଷୁଦ୍ରଶିଳ୍ପ ମଧ ଏଇ ଆର୍ଥିକ ଅବ୍ୟବସ୍ଥାର ଶିକାର। ପ୍ରତି ଜିଲ୍ଲାରେ ଶୀତଳ ଭଣ୍ଡାର ଖୋଲିବା ପାଇଁ ଏବଂ ଫଳ ବା ଦୁର୍ଲଭ ଔଷଧର ଚେରମୂଳକୁ କ୍ଷୁଦ୍ର ଶିଳ୍ପ ମାଧମରେ ଦେଶ ବିଦେଶକୁ ରପ୍ତାନୀ କରିବା ପାଇଁ ସରକାର ପଦକ୍ଷେପ ନେଲେ କୃଷିରୁ ରୋଜଗାରର ରାସ୍ତା ସୁଲଭ ହୁଅନ୍ତା, କୃଷି ପ୍ରତି ଆକର୍ଷଣ ବଢ଼ନ୍ତା।

ଦ୍ୱିତୀୟ କଥାଟି ହେଉଛି ଦୀର୍ଘ ସମୁଦ୍ର ତଟ ସତ୍ତ୍ୱେ ସାମୁଦ୍ରିକ ସଂପଦ ଯଥା ମାଛ, ଚିଙ୍ଗୁଡ଼ି ଇତ୍ୟାଦିରେ ଉଦ୍ୟୋଗୀକରଣ ପାଇଁ ସରକାର କିଛି ଦର୍ଶନୀୟ ପଦକ୍ଷେପ ନେଇନାହାନ୍ତି। ସରକାରୀ ଉଦ୍ୟମରେ ବା କଡ଼ା ନିରୀକ୍ଷଣରେ ଘରୋଇ ବ୍ୟବସାୟୀଙ୍କ ମାଧ୍ୟମରେ ମାଛ ଓ ଚିଙ୍ଗୁଡ଼ି ରପ୍ତାନି କରାଗଲେ ଆମ ସମୁଦ୍ର ତଟ ଅଜସ୍ର ଅର୍ଥଲାଭର ଉତ୍ସ ହୋଇପାରନ୍ତା। ଆମେ ଏ ନେଇ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରନ୍ତେ ନାହିଁ। ତୃତୀୟ କଥା ଆମର ଅପାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଘଞ୍ଚ ଜଙ୍ଗଲ, ସୁନ୍ଦର ଜଳପ୍ରପାତ, ସବୁଜିମା ଆଚ୍ଛାଦିତ ପାହାଡ଼, ବିସ୍ତୃତ ସମୁଦ୍ର କୂଳ କଅଣ ନାହିଁ ଓଡ଼ିଶାରେ ? ଯାହା ନାହିଁ, ତାହା ହେଉଛି ପର୍ଯ୍ୟଟକ ମାନଙ୍କ ପାଇଁ ସୁଲଭ ଦରରେ, ସୁନ୍ଦର ପରିଷ୍କାର ପରିଚ୍ଛନ୍ନ ରହିବା ଓ ଖାଦ୍ୟପେୟର ବ୍ୟବସ୍ଥା। ନିକଟସ୍ଥ ଦର୍ଶନୀୟ ସ୍ଥଳଗୁଡ଼ିକ ବିକଶିତ ହେଲେ ସ୍ଥାନୀୟ ଅଞ୍ଚଳରେ ରୋଜଗାର ବଢ଼ିବା ସହ ପ୍ରାକୃତିକ ସମ୍ପଦ ଓ ହାତ ତିଆରି ଦ୍ରବ୍ୟର ସୁଦୂର ପ୍ରସାରୀ ଚାହିଦା ବାହାରକୁ ଯାଇପାରନ୍ତା।

ଚତୁର୍ଥ କଥା ଆମର ପ୍ରଚୁର ଖଣିଜ ସଂପଦ। ଏ କଥା ସମସ୍ତେ ଜାଣନ୍ତି ଓଡ଼ିଶାର ଖଣିଜ ସଂପଦର ଠିକ ଭାବରେ ବିନିଯୋଗ କରାଗଲେ ଆମ ପ୍ରଦେଶ ସ୍ୱର୍ଣ୍ଣମୟ ହୁଅନ୍ତା। ତେଣୁ ଏଇ ଅମୂଲ୍ୟ ସଂପଦକୁ ରାଜ୍ୟବାସୀଙ୍କ ପାଇଁ ସଦୁପଯୋଗ କରାଯାଉ। ଖଣିଜ ସଂପତ୍ତିର ଭୂମିକା ଅତୁଳନୀୟ। ପଞ୍ଚମ କଥା ଆମେ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ନଦୀ ଜଳ ପାଇଁ ଦୀର୍ଘ କାଳ ଧରି ବିବାଦରେ ଅଛେ। କିନ୍ତୁ ଆମ ରାଜ୍ୟ ଭିତରେ ଥିବା ନଦୀ ମାନଙ୍କ ଜଳର ଆମେ ସଦୁପଯୋଗ କରିଛନ୍ତି କି ? ଆମର ଖରସ୍ରୋତା ନଦୀ ମାନଙ୍କରେ ନୂଆ ବନ୍ଧ ବାନ୍ଧି ଜଳସେଚନ ଓ ବିଦ୍ୟୁତ ଉତ୍ପାଦନକୁ ପ୍ରସାରିତ କରିଛନ୍ତି କି ? ନୂଆ ସରକାର ଏ ବିଷୟରେ ଚିନ୍ତା କରିବା ଉଚିତ। ଷଷ୍ଠ କଥା ତୃଣମୂଳ କ୍ଷେତ୍ରରେ ବିକାଶ ଉପରେ ଦୃଷ୍ଟି ଦିଆଯାଉ। ମନରେଗା ଭଳି ବ୍ୟୟବହୁଳ ଯୋଜନା ମାଧ୍ୟମରେ ଆମେ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ କରିପାରନ୍ତେ। କେନ୍ଦ୍ରର ସହଯୋଗ ରାଶି ସହ ରାଜ୍ୟ ସରକାରଙ୍କ ଅର୍ଥ ମିଶେଇ ସ୍ଥାୟୀ ସଂପତ୍ତି, ଯଥା ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ କୋଠରି ଇତ୍ୟାଦି ତିଆରି କରାଯାଉନାହିଁ କାହିଁକି ? ପ୍ରତି ଗ୍ରାମରେ ଦୁଇଟି ବା ତିନଟି ଜଳାଶୟ ନିର୍ମାଣ କରି ସେଥିରେ ମାଛ ଚାଷ କରାଯାଉନାହିଁ କାହିଁକି ? ପଞ୍ଚାୟତ ସ୍ତରରେ ଏ କାମ ଅନାୟାସରେ ହୋଇପାରନ୍ତା। ସପ୍ତାହରେ ସ୍କୁଲ ଛାତ୍ରଙ୍କ ପାଇଁ ଗୋଟିଏ ବଗିଚା ପିରିଅଡ଼ ରଖିବା ପ୍ରତି ଦିନ ମଧ୍ୟାହ୍ନ ଭୋଜନ ପରେ ଗଛମୂଳରେ ବା ପରିବାର କିଆରିରେ ହାତ ଧୋଇବା ଏ ସବୁ ଶିକ୍ଷା ଦେଲେ ଛାତ୍ରଛାତ୍ରୀମାନେ ସ୍ୱାବଲମ୍ବନଶୀଳତା ଓ ଉଚିତ ପରିଶ୍ରମର ମୂଲ୍ୟ ବିଷୟରେ ହୃଦୟଙ୍ଗମ କରନ୍ତେ।

ସପ୍ତମ କଥା ଶିକ୍ଷା ବିଷୟ। ଏ ସଂଦର୍ଭରେ ଭବିଷ୍ୟତ ଗଠନରେ ଶିକ୍ଷକମାନଙ୍କ ଭୂମିକା କଥା ମନକୁ ଆସେ। ଛାତ୍ରଙ୍କ ପାଠ ଓ ଚରିତ୍ର ଗଠନ ଉପରେ ଧ୍ୟାନ ଦେବା ପାଇଁ ଶିକ୍ଷକମାନଙ୍କୁ ଉଚିତ ପ୍ରୋତ୍ସାହନ ଦରକାର। ଯେଉଁ ସରକାରୀ ସ୍କୁଲର ଛାତ୍ରଛାତ୍ରୀମାନେ ବିଭିନ୍ନ ଉଚ୍ଚ ବୈଷୟିକ ଶିକ୍ଷା ଲାଗି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଉଛନ୍ତି, ସେ ସ୍କୁଲର ସଂପୃକ୍ତ ଶିକ୍ଷକମାନଙ୍କୁ ଆର୍ଥିକ ପୁରସ୍କାର ମାଧ୍ୟମରେ ସମ୍ମାନିତ କରିବା ଉଚିତ। ପ୍ରତି ଜିଲ୍ଲା ମୁଖ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବୃତ୍ତି ବିଷୟରେ, ଉଚ୍ଚ ଶିକ୍ଷାର ସୁଯୋଗ ବା ପ୍ରତିଦ୍ୱନ୍ଦ୍ୱୀତାମୂଳକ ପରୀକ୍ଷା ସମ୍ବନ୍ଧରେ ବର୍ଷକୁ ଥରେ ବା ଦୁଇଥର ବିଶେଷ ଶିବିର ଆୟୋଜନ କରାଯିବା ଉଚିତ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଏ କ୍ଷେତ୍ରରେ ସାମିଲ କରିବା ବାଞ୍ଛନୀୟ।

ଅଷ୍ଟମ କଥା ଗୁଣାତ୍ମକ ଶିକ୍ଷା ଭଳି, ସୁଲଭ ସ୍ୱାସ୍ଥ୍ୟ ସେବା ଯୋଗାଇବା ସରକାରଙ୍କର ମୌଳିକ ଦାୟିତ୍ୱ। ଘରୋଇ ହସ୍ପିଟାଲ ମାନଙ୍କ ହାତରେ ଓଡ଼ିଶାର ଜନତାଙ୍କ ଭାଗ୍ୟ ସମର୍ପି ଦେବା ନିତାନ୍ତ ଅନୁଚିତ। ସରକାରୀ ହସ୍ପିଟାଲ ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ଉପଯୁକ୍ତ ଅସ୍ତ୍ରୋପଚାର, ଔଷଧ ଯୋଗାଣ ଓ ସର୍ବୋପରି ଡାକ୍ତର ଓ ଅନ୍ୟାନ୍ୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି କାର୍ଯ୍ୟ ପାଳନ କରେଇବାରେ ଦାୟିତ୍ୱ ସରକାରଙ୍କର। ଭାରତୀୟ ମେଡ଼ିକାଲ କାଉନସିଲର ତଥ୍ୟ ଅନୁସାରେ ଓଡ଼ିଶାରେ ୧୨୮୮ ଗ୍ରାମୀଣ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୮୭ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି। ସରକାରୀ ମେଡ଼ିକାଲ କଲେଜରେ ୧୫୫୦ ଏମବିବିଏସ ଓ ୫୬୪ ପୋଷ୍ଟ ଗ୍ରାଜୁଏଟ ସିଟ ଅଛି। ଯେହେତୁ ସରକାରୀ ମେଡ଼ିକାଲ କଲେଜ ଚଳେଇବାର ନବେ ପ୍ରତିଶତରୁ ଉର୍ଦ୍ଧ୍ୱ ଖର୍ଚ୍ଚ ସରକାର ବହନ କରନ୍ତି, ଏଥିରେ ଶିକ୍ଷା ପାଉଥିବା ଛାତ୍ରଛାତ୍ରୀମାନଙ୍କୁ ଘରୋଇ ମେଡ଼ିକାଲ କଲେଜ ତୁଳନାରେ ବହୁତ କମ ଖର୍ଚ୍ଚ କରିବାକୁ ପଡ଼େ। ଏମବିବିଏସ ବା ପିଜି ସରିବା ପରେ ଡାକ୍ତରମାନଙ୍କୁ ଅତି କମରେ ଗୋଟିଏ ବର୍ଷ ବାଧ୍ୟତାମୂଳକ ଭାବେ ଗ୍ରାମୀଣ ଓ ସହର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ସେବା କରିବାର ଦାୟିତ୍ୱ ଦିଆଯିବା ଦରକାର। ଏପରିକି ହାଉସମ୍ୟାନସିପ ସମୟରେ କିଛି ମାସ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରେନିଂ ନେବାର ଓ ସେଇ ମାଧ୍ୟମରେ ଜନତାଙ୍କ ସେବା କରିବାର ସୁଯୋଗ ଦିଆଯିବା ଉଚିତ। ଯୁବାବସ୍ଥାରେ ଏ କାମ କରିବା ସହଜ। ଦରକାର ହେଲେ ଏଥି ଲାଗି ସଂପୃକ୍ତ ଆଇନରେ ପରିବର୍ତ୍ତନ କରାଯିବା ଉପରେ ଧ୍ୟାନ ଦେବା ଜରୁରୀ।

ବିଭିନ୍ନ କ୍ଷେତ୍ରରେ ନୂଆ ସରକାର ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଭଲ କାମ କରିପାରିବେ। ଏ ସବୁ କାମକୁ ଠିକ ଭାବରେ ତଦାରଖ କରିବା ପାଇଁ ସରକାର ପ୍ରତି ଜିଲ୍ଲା ପାଇଁ ନୋଡାଲ ଅଫିସର ନିଯୁକ୍ତ କରିପାରିବେ। ଏଇ ଅଫିସରମାନେ ତୃଣମୂଳ ସ୍ତରରେ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଅନୁଧ୍ୟାନ ଓ ତର୍ଜମା କରିବେ। ବିଭିନ୍ନ ବିଭାଗର ଅଧିକାରୀମାନେ ଠିକ ଭାବରେ କାମ କରୁଛନ୍ତି କି ନାହିଁ ସେ ବିଷୟରେ ନୋଡାଲ ଅଫିସରମାନେ ସରକାରଙ୍କୁ ରିପୋର୍ଟ ଦେବେ। ଜନତା ଓ ଜନପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ମତାମତ ପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବେ। କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ ଏ ନେଇ ଆମ ସମସ୍ତଙ୍କର ମଧ ଉତ୍ତରଦାୟିତ୍ୱ ରହିଛି। ଜଣେ ସୁନାଗରିକ ଭାବେ ଆମ ସମାଜର, ଆମ ଦେଶର ସର୍ବାଙ୍ଗୀନ ମଙ୍ଗଳ ନିମିତ୍ତ ଆମ ମାନଙ୍କର ଦାୟିତ୍ୱବୋଧକୁ ନିଷ୍ଠାପର ଭାବେ ପାଳନ କରିବା ଦ୍ୱାରା ବିକଶିତ ଓଡ଼ିଶା ସମ୍ଭବ।

*କଟିକଟା, ମଙ୍ଗଳପୁର, ଯାଜପୁର*

# ସର୍ବନିମ୍ନ ସହାୟକ ମୂଲ୍ୟ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ନିକଟରେ କେନ୍ଦ୍ର ସରକାର ୬ଟି ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଘୋଷଣା କରିଛନ୍ତି। ୨୦୨୫-୨୬ ବର୍ଷ ପାଇଁ କ୍ୱିଂଟାଲ ପିଛା ଗହମର ସର୍ବନିମ୍ନ ସହାୟକ ମୂଲ୍ୟ ୧୫୦ଟଙ୍କା ବୃଦ୍ଧି କରିଥିବାବେଳେ ଧଳା ସୋରିଷ ୩୦୦ଟଙ୍କା, ମସୁର ୨୭୫ଟଙ୍କା, ବୁଟ ୨୧୦ଟଙ୍କା, ଜ' ୧୩୦ଟଙ୍କା ଏବଂ କୁସୁମ ୧୪୦ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। କହିବା ବାହୁଲ୍ୟ ଯେ, ଗହମର ଏମଏସପି ବୃଦ୍ଧି ପାଇବା ପରେ ଏବେ କ୍ୱିଂଟାଲ ପିଛା ମୂଲ୍ୟ ୨୪୨୫ଟଙ୍କା ହୋଇଥିବାବେଳେ ଧଳା ସୋରିଷ ୫୯୫୦ଟଙ୍କା, ମସୁର ୬୭୦୦ଟଙ୍କା, ଜ' ୧୯୮୦ଟଙ୍କା, ବୁଟ ୫୬୫୦ଟଙ୍କା ଏବଂ କୁସୁମର କୁଇଟାଂଲ ପିଛା ମୂଲ୍ୟ ୫୯୪୦ଟଙ୍କା ହୋଇଛି। ଏହି ୬ଟି ରବି ଶସ୍ୟର ଏମଏସପି କୃଷକଙ୍କ ପାଇଁ ଉଚିତ ମୂଲ୍ୟ ସ୍ଥିର କରିବା ସହ ସେମାନଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହେବା ନିଶ୍ଚିତ। କେବଳ ଏତିକି ନୁହେଁ ବୁଟ, ମସୁର, ଧଳା ସୋରିଷର କ୍ୱିଂଟାଲ ପିଛା ମୂଲ୍ୟ ୨୦୦ରୁ ୩୦୦ ଟଙ୍କା ବୃଦ୍ଧି ଯୋଗୁଁ ଚାଷୀ ଅଧିକରୁ ଅଧିକ ଜମିରେ ଶସ୍ୟ ଉତ୍ପାଦନ ପାଇଁ ପ୍ରୋତ୍ସାହିତ ହେବେ, ଏଥିରେ ସନ୍ଦେହ ନାହିଁ। ଏହା ନିସନ୍ଦେହ ଯେ, ବିଭିନ୍ନ କୃଷିଜାତ ଉତ୍ପାଦନର ମୂଲ୍ୟ ବୃଦ୍ଧି, କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପ୍ରସଙ୍ଗ ଆମ ଦେଶରେ ଜାତୀୟ ରାଜନୀତିକୁ ଉଜ୍ଜିବୀତ କରି ରଖିଛି। କୃଷକଙ୍କ ଆୟ ଦ୍ୱିଗୁଣିତ କହିବା ଦେଶରେ ସମସ୍ତ ଜାତୀୟ ଏବଂ ଆଂଚଳିକ ଦଳର ମୁଖ୍ୟ ପ୍ରତିଶ୍ରୁତି ହୋଇରହିଛି। ସରକାର ଉଭୟ ଖରିଫ ଓ ରବିଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତିବର୍ଷ ବୃଦ୍ଧି କରୁଛନ୍ତି, ମାତ୍ର ଏହା ଚାଷୀଙ୍କ ଆୟ ବୃଦ୍ଧି କିମ୍ବା ସମସ୍ୟା ସମାଧାନ କରିବାରେ ସହାୟକ ହୋଇପାରୁନାହିଁ। କହିବା ବାହୁଲ୍ୟ ଯେ, ବିହନଠାରୁ ଆରମ୍ଭ କରି ମଜୁରି, ଜଳସେଚନ, ଚାଷ, ବିଦ୍ୟୁତ ଏବଂ କୀଟ ନାଶକ ଔଷଧ, ସାର'ର ମୂଲ୍ୟ ପ୍ରତିବର୍ଷ ବଢିବାରେ ଲାଗିଛି। କୀଟନାଶକ ଔଷଧ ଓ ବିଭିନ୍ନ ସାର'ର ମୂଲ୍ୟ ପ୍ରତିବର୍ଷ ଏପରି ବଢିଚାଲିଛି ଯେ, ଏମଏସପି ବୃଦ୍ଧି ତା' ତୁଳନାରେ ଆଜି ସାମାନ୍ୟ ବୋଲି କହିଲେ ଭୁଲ ହୋଇନପାରେ। ସେହିପରି ଦ୍ରୁତ ଜଳବାୟ ପରିବର୍ତନର ପ୍ରଭାବ ଏବେ କୃଷି କ୍ଷେତ୍ର ଉପରେ ପଡିଛି। ଅତି ବୃଷ୍ଟି ଓ ଅନାବୃଷ୍ଟି ଯୋଗୁଁ ବ୍ୟାପକ ଶସ୍ୟ ହାନୀ ହେବା ଆମ ଦେଶରେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଆହୁରି ମଧ ଶୀତଳ ଭଣ୍ଡାର ଅଭାବରୁ ଅଭାବୀ ବିକ୍ରୀ ଯୋଗୁଁ କୃଷକ ମାତ୍ରାଧିକ ଜାତି ସମ୍ମୁଖୀନ ହେଉଛି। ଚାଷଜନିତ ବ୍ୟୟ ପାଇଁ କରିଥିବା ଋଣ ପରିଶୋଧ କରିନପାରିବା ଆଶଙ୍କାରେ ଦେଶରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ଏବେ ଉଦ୍‌ବେଗର କାରଣ ହୋଇଛି। ଚାଷୀଙ୍କୁ ଉତ୍ପାଦିତ ଶସ୍ୟର ଦେଢଗୁଣ ବା ଦୁଇଗୁଣା ଆୟ ସରକାର ଦେଉଥିବା ନେଇ କରିଥିବା ଦାବି କେବଳ ଧୂଆଁବାଣ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କହିଲେ ଅତିରଂଜିତ ହୋଇନପାରେ। ଅନ୍ୟପକ୍ଷରେ ବିଭିନ୍ନ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଚାଷୀଙ୍କ ପାଇଁ ଯେତିକି ଉତ୍ସାହପଦ, ଖାଉଟିଙ୍କ ପାଇଁ ସେତିକି ନୈରାଶ୍ୟଜନକ ବୋଲି କୁହାଯାଇପାରେ। ଦେଶରେ ମୁଦ୍ରାସ୍ଫିତୀ ବୃଦ୍ଧି କରିବାରେ ଏହା ସହାୟକ ହେବ। ଏବେ ଦେଶରେ ଚାଉଳ, ଡାଲି, ଅଟା, ତେଲ ଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମ୍ରଗୀର ମୂଲ୍ୟ ହୁ ହୁ ହୋଇ ବଢିଚାଲିଛି। ଅଟା ଓ ଗହମଜାତ ସାମଗ୍ରୀର ମୂଲ୍ୟ ଉପର ମୁହାଁ ହୋଇଥିବାବେଳେ ଏହାର ପୁଣି ବଢିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ ଦେଶରେ ଗତ ପହିଲା ସୁଦ୍ଧା ବିଭିନ୍ନ ଗୋଦାମରେ ୨୩.୭୮ ମିଲିୟନ ମେଟ୍ରିକ ଟନ ଗହମ ଏବଂ ୩୮.୬୮ ମିଲିଅନ ମେଟ୍ରିକ ଟନ ଧାନ ଓ ଚାଉଳ ମହଜୁଦ ରହିଛି। ତେବେ ଦେଶରେ ବାର୍ଷିକ ପ୍ରାୟ ୨୦.୫୨ ମିଲିଅନ ମେଟ୍ରିକ ଟନ ଗହମର ଆବଶ୍ୟକତା ରହିଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ଦେଶର ୮୦କୋଟି ଲୋକଙ୍କୁ ମାଗଣାରେ ମୁଣ୍ଡ ପିଛା ମାସିକ ୫କେଜି ଚାଉଳ କିମ୍ବା ଗହମ ଯୋଗାଇ ଦେଉଛନ୍ତି। ତେଣୁ ଏମଏସପି ବୃଦ୍ଧିର ପ୍ରଭାବ ଖାଉଟିଙ୍କୁ ବିଶେଷ ପ୍ରଭାବିତ କରିନପାରେ। ମାତ୍ର ଯେଉଁମାନେ ଜାତୀୟ ଖାଦ୍ୟସୁରକ୍ଷା ଯୋଜନା ବାହାରେ ରହିଛନ୍ତି। ସେମାନଙ୍କୁ ମୂଲ୍ୟ ବୃଦ୍ଧି ବାଧିତ ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, କୃଷକ ହେଉଛନ୍ତି ଦେଶର ମେରୁଦଣ୍ଡ, ଆର୍ଥୀକ ଅଭିବୃଦ୍ଧିର ପ୍ରତୀକ। କୃଷି କ୍ଷେତ୍ରରେ ନିୟୋଜନ ଦେଶରେ ବେରୋଜଗାରୀ ସମସ୍ୟା କିଛି ମାତ୍ରାରେ ସମାଧାନ କରିବାରେ ସହାୟକ ହୋଇ ଆସୁଛି। ତେଣୁ କୀଟ ନାଶକ ଔଷଧ, ସାରରେ ରିହାତି ଦେବା ଜରୁରୀ। ସେହିପରି କୀଟ ଓ ରୋଗ ପ୍ରତିରୋଧକାରୀ, ଅତିବୃଷ୍ଟି ଓ ଅନାବୃଷ୍ଟି ସହକାରୀ ଅଧିକ ଅମଳକ୍ଷମ ବିହନ ରିହାତି ଦରରେ ଚାଷୀଙ୍କୁ ଯୋଗାଣ ସୁନିଶ୍ଚିତ କରିବା ଉପରେ ସରକାର ଧ୍ୟାନ ଦେବା ଜରୁରୀ। ମାତ୍ର ସରକାର ଏହାଠାରୁ ବହୁ ଦୂରରେ ଥିବା ମନେହୁଏ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଅନନ୍ୟ ସାରସ୍ୱତ ପ୍ରତିଭା ରାମକୃଷ୍ଣ ନନ୍ଦ



ହିମାଂଶୁ ଶେଖର ଆଚାର୍ଯ୍ୟ

ଆଧୁନିକ ଓଡିଆ ସାହିତ୍ୟର ଜଣେ ଅନନ୍ୟ ଶିଶୁ ସାହିତ୍ୟିକ ହେଉଛନ୍ତି ରାମକୃଷ୍ଣ ନନ୍ଦ। ତାଙ୍କ ଶିଶୁ ସାହିତ୍ୟ ଏପରି ରସଯୁକ୍ତ ଓ ପ୍ରାଣବନ୍ତ ଥିଲା ଯେ ସେଥିରେ ଶିଶୁପ୍ରାଣ ଆତ୍ମହରା ହୋଇଉଠିଥିଲା। ଅନ୍ୟ ଭାବରେ କହିଲେ ଶିଶୁ ପ୍ରାଣର ଆଶା,ଆକାଂକ୍ଷା ଓ ସୁଖ- ଦୁଃଖର ସେ ଥିଲେ ସାର୍ଥକ ରୂପକାର। କେବଳ ଶିଶୁ ସାହିତ୍ୟିକ ବା କବି ନୁହଁନ୍ତି, ଜଣେ ସଫଳ ଅନୁବାଦକ ଓ ପ୍ରଖ୍ୟାତ ସମ୍ପାଦକ ଭାବେ ସେ ସ୍ୱକୀୟ ଦକ୍ଷତାର ପ୍ରମାଣ ଛାଡିଯାଇଛନ୍ତି। ତାଙ୍କ ରଚିତ କାଳଜୟୀ ଭକ୍ତି ସଂଗୀତ 'ଆହେ ଦୟାମୟ ବିଶ୍ୱ ବିହାରୀ' ପାଇଁ ସେ ଓଡିଶାର ଘରେ ଘରେ ପରିଚିତ। ଏହି ଗୀତର ଲୋକପ୍ରିୟତା ଏତେ ଥିଲା ଯେ ୧୯୭୮ ମସିହାରେ ଓଡିଆ ଚଳଚିତ୍ର 'ବଳିଦାନ'ରେ ଏହା ସ୍ଥାନ ପାଇଥିଲା। ଏବେବି ଏହି ଗୀତର ଲୋକପ୍ରିୟତା ଅତୁଟ ରହିଛି। ଆଜି ହେଉଛି ତାଙ୍କର ୩୦ ତମ ଶ୍ରାଦ୍ଧବାର୍ଷିକୀ। ତାଙ୍କର ସାରସ୍ୱତ ପ୍ରତିଭାର ସମ୍ୟକ ସ୍ମୃତିଚାରଣ କରିବା ଏହି କ୍ଷୁଦ୍ର ଆଲେଖ୍ୟର ଉଦ୍ଦେଶ୍ୟ। ସେଦିନ ଥିଲା ୧୯୦୬ ମସିହା ଫେବୃଆରୀ ୧୫ ତାରିଖ। ଏହିଭଳି ଏକ ଶୁଭ ତିଥିରେ ନିଆଳି ବ୍ଲକ ଅନ୍ତର୍ଗତ ବାଇରୋଇ ଗ୍ରାମରେ ଜନ୍ମ ନେଇଥିଲେ ରାମକୃଷ୍ଣ। ତାଙ୍କ ପିତାଙ୍କ ନାମ ମଧୁସୂଦନ ନନ୍ଦ। ତୁଳସୀ ଦୁଇପତ୍ରରୁ ବାସିଲାପରି ବାଲ୍ୟକାଳରୁ ତାଙ୍କ ପ୍ରତିଭାର ଉନ୍ମେଷ ହୋଇଥିଲା। ବୟସର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ରାମକୃଷ୍ଣଙ୍କ ହୃଦୟରେ ଦେଶପ୍ରେମ ବୀଜ ଅଙ୍କୁରିତ ହେଲା। ସେତେବେଳକୁ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ ଜୋର ଧରିଥାଏ। ମହାତ୍ମାଗାନ୍ଧୀଙ୍କ ଡାକରାରେ ଦେଶର କୋଣଅନୁକୋଣରେ ଦେଶପ୍ରେମ ଭାବନାରେ ଉଦ୍‌ବୃଦ୍ଧ ହୋଇ ଅନେକ ଛାତ୍ରଛାତ୍ରୀ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହାର ପ୍ରଭାବ ମଧ ରାମକୃଷ୍ଣଙ୍କ ଉପରେ ପଡିଥିଲା। କ ।ପଡା ପ୍ରାଥମିକ ଶିକ୍ଷା, ରେଭେନ୍ସା କଲିଜିଏଟ୍ ସ୍କୁଲରୁ ମାଧ୍ୟମିକ ଶିକ୍ଷା ଓ ରେଭେନ୍ସା କଲେଜରୁ ଉଚ୍ଚ ଶିକ୍ଷା ଶେଷ କରିଥିଲେ।ଶିକ୍ଷକତାରୁ କର୍ମମୟ ଜୀବନ ଆରମ୍ଭ କରିଥିଲେ ସିଏ ବାଙ୍କି ଉଚ୍ଚ ବିଦ୍ୟାଳୟରୁ। ପରେ ବାରିପଦା ଉଚ୍ଚ ବିଦ୍ୟାଳୟ ଏବଂ ଶେଷରେ ଭିଙ୍ଗାରପୁର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଶିକ୍ଷକତା ଜୀବନ ଭିତରେ ଅନେକ ସୁନାମଧନ୍ୟ ଛାତ୍ର ତିଆରି କରିଥିଲେ ସେ ଯେଉଁମାନେ କି ପରବ ୀ ଜୀବନରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିଲେ। ତନ୍ମଧ୍ୟରେ ପ୍ରତିଷ୍ଠିତ ରାଜନୀତିଜ୍ଞ ତଥା ଭାରତର ପୂର୍ବତନ ବାଚସ୍ପତି ରବି ରାୟ ଓ ସୁସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ ନାମ ଉଲ୍ଲେଖ ଯୋଗ୍ୟ। ଶିକ୍ଷକତା ଜୀବନ କାଳ ଭିତରେ ରାମକୃଷ୍ଣ ନନ୍ଦ ଶିକ୍ଷାକୁ ଜୀବନର ପରମ ବ୍ରତ ରୂପେ ଗ୍ରହଣ କରିନେଇଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା।

ଜଣେ ଅନନ୍ୟ ପ୍ରତିଭାସମ୍ପନ୍ନ ସାହତ୍ୟ ସାଧକ ଭାବେ ରାମକୃଷ୍ଣ ନନ୍ଦ ନିଜ ପାଇଁ ଏକ ନିଆରା ପରିଚୟ ସୃଷ୍ଟି କରିପାରିଥିଲେ। ଏକାଧାରରେ ସିଏ ଥିଲେ ଜଣେ ଖ୍ୟାତନାମା ଶିଶୁ ସାହିତ୍ୟିକ, ପ୍ରଖ୍ୟାତ ସମ୍ପାଦକ ଓ ସର୍ବୋପରି ଜଣେ ପ୍ରବୀଣ ଶିକ୍ଷକ। ଜଣେ ସ୍ରଷ୍ଟା ଭାବେ ସାହିତ୍ୟର ବିଭିନ୍ନ ବିଭାଗରେ ସେ ସଫଳ ହୋଇଥିଲେ ଓ ଓଡ଼ିଆ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ସେ ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବେ। ରାମକୃଷ୍ଣ ଜାଣିଥିଲେ ଶିଶୁପ୍ରାଣ ସରଳ, ନିଷ୍ପାପ ଓ କୋମଳ। ଶିଶୁ ମନରେ ଆନନ୍ଦ, ବିଷାଦ, ମାନ, ଅଭିମାନ ଭରି ରହିଅଛି। ଏହି କଥାକୁ ମର୍ମେ ମର୍ମେ ଉପଲବ୍ଧି କରିଥିଲେ ସେ। ଜଣେ ପାଠ୍ୟ ପୁସ୍ତକ ରଚୟିତା ଭାବେ ତାଙ୍କର ବେଶ ସୁନାମ ଥିଲା। ସାହିତ୍ୟ ସୋପାନ ସାହିତ୍ୟ ବୋଧ, ରଚନା ଦର୍ପଣ ଆଦି ପାଠ୍ୟ ପୁସ୍ତକ ସେତେବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା ସ୍ତରରେ ପ୍ରଚଳନ କରାଯାଇଥିଲା। ଏଥିମଧ୍ୟରୁ ସାହିତ୍ୟ ସୋପନ ଥିଲା ତାଙ୍କର ପ୍ରଥମ ପାଠ୍ୟ ପୁସ୍ତକ। ୧୯୪୬ ମସିହାରେ ସେ ଚାକିରି ଛାଡି କଟକ ଆସିଥିଲେ ଏବଂ ୧୯୪୭ ଜୁଲାଇ ୨୧ରେ ପାରିଜାତ ପ୍ରେସ୍ ପ୍ରତିଷ୍ଠା କରିଥିଲେ। ୧୯୫୨ ମସିହାରେ ସେ ସଂସାର ପତ୍ରିକା ପ୍ରକାଶ କରିଥିଲେ। ଏହାଥିଲା ତାଙ୍କ ଜୀବନର ଏକ ମାଇଲ ଖୁ । ଏ ପତ୍ରିକାଟିର ମାନ ବହୁ ଉଚ୍ଚରେ ଥିଲା ଓ ଶିଶୁ ସାହିତ୍ୟ ପ୍ରସାର ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଖାଲି ସେତିକି ନୁହେଁ, ଶିଶୁର ମନସ୍ତ ୍ୱକୁ ଅତି ସୁନ୍ଦର ଭାବେ ବୁଝି ପାରିଥିଲେ ରାମକୃଷ୍ଣ ନନ୍ଦ। ପିଲା ମାନଙ୍କ ପାଇଁ ବିଭିନ୍ନ ବହି ଓ ଗୀତ ଲେଖି ଚାଲିଥିଲେ। ୧୯୩୦ ମସିହାରେ ତୁଳସୀ ଦାସ, ୧୯୩୧ ରେ ତୁଳସୀ ଦାସ ଦୋହାବଳୀ, ୧୯୩୩ରେ ପ୍ରତିଧ୍ୱନି, ୧୯୩୪-୩୭ରେ ସାହିତ୍ୟ ସୋପନ, ୧୯୩୮ରେ ସାହିତ୍ୟ ବୋଧ, ୧୯୪୦ରେ ରଚନା ଦର୍ପଣ, ୧୯୪୪-୪୫ରେ ପାଠ ସୋପାନ, ୧୯୩୬-୪୬ ସଂଗ୍ରାମ ଓ ସାଧନା (ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ) , ୧୯୪୯ରେ ବିଜ୍ଞାନର କୁହୁକ, ୧୯୬୨ରେ ବିଶ୍ୱ ପରିଚୟ(ଓଡିଆ ଭାଷା କୋଷ), ୧୯୭୫ରେ ଝୁମୁକା, ୧୯୮୨ ଓଡିଆ ଶିଶୁ ସାହିତ୍ୟ ଓ ସଂଗୀତ ସଂକଳନ, ୧୯୮୨ରେ ଇନ୍ଦ୍ରଧନୁ (ଅନୁବାଦ) ୧୯୮୩ ଆମ ବଣ ଜଙ୍ଗଲ, ୧୯୮୩ରେ ଆମ ଶରୀର(ଅନୁବାଦ), ୧୯୮୫ରେ ଆମ ଜାତୀୟ ପତାକା ଓ ଜାତୀୟ ସଂଗୀତ, ୧୯୮୬ରେ ଜୀବନ ରହସ୍ୟ, ୧୯୮୯ ଅଦେଖା ବଣର ଫୁଲ, ୧୯୮୯ ପ ତନ୍ତ୍ର କାହାଣୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗ , ୧୯୯୨ରେ ଲେଖନୀର ପାଠଶାଳା, ୧୯୯୩ ଭାବି ଦେଖନ୍ତୁ ଓ ୧୯୯୪ରେ ବିଶ୍ୱ ପରିଚୟ ଦ୍ୱିତୀୟ ଭାଗ, ତାଙ୍କ ସୃଜନ ଶୀଳତାର କଥା କହେ। ଏସବୁ ପୁସ୍ତକ ଓଡିଆ ଶିଶୁ ସାହିତ୍ୟର ଗୋଟିଏ ଗୋଟିଏ ଅମୁଲ୍ୟ ଗ୍ରନ୍ଥ। ଏତଦ୍ ବ୍ୟତୀତ ୧୯୬୯ ମସିହାରେ ତାଙ୍କ ରଚିତ ଆତ୍ମ ଜୀବନୀ 'ଜୀବନ ତରଙ୍ଗ' ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱରଖେ। ଏହାକୁ ଯେ କେହି ସ୍ୱୀକାର କରିବେ।

ଆଜିକାଲି ଅନେକ ଶିଶୁ ସାହିତ୍ୟିକଙ୍କ ଆବିର୍ଭାବ ଘଟିଛି। ଅନେକ ଶିଶୁ ସାହିତ୍ୟ ଲେଖା ମଧ୍ୟ ହେଉଛି। କିନ୍ତୁ ଆମ ଶିଶୁ ସାହିତ୍ୟରେ ଏବେ ଘୋର ଅଭାବ ଦେଖାଦେଇଛି ଶିଶୁର ମନସ୍ତତ୍ତ୍ୱକୁ ନେଇ ଲେଖା ଲେଖିବାର। ଏଥିସହିତ ବୈଜ୍ଞାନିକ ଚିନ୍ତା ଓ ଚେତନାର। ଏହି କଥାକୁ ସେତେବେଳେ ଅନୁଭବ କରି ରାମକୃଷ୍ଣ ନନ୍ଦ ଅତି ସୁନ୍ଦର ଓ ସରଳ ଭାବରେ ବିଭିନ୍ନ ପୁସ୍ତକ ଲେଖିଯାଇଛନ୍ତି। ଏହାହିଁ ଥିଲା ରାମକୃଷ୍ଣ ନନ୍ଦଙ୍କ ସୃଷ୍ଟିର ବିଶେଷତ୍ୱ। କେବଳ ସେତିକି ନୁହେଁ ଅନୁବାଦ କ୍ଷେତ୍ରରେ ମଧ୍ୟ ସିଏ ଜଣେ ସଫଳ ସ୍ରଷ୍ଟା ଥିଲେ। ସବୁଠାରୁ ବଡ଼ କଥା ହେଉଛି ଏହି ପୁସ୍ତକ ଗୁଡ଼ିକ ଅନୁଦିତ ହୋଇଥିଲେ ମଧ୍ୟ ସବୁଥିରେ ତାଙ୍କ ନିଜସ୍ୱ ମୌଳିକତାର ଛାପ ସ୍ପଷ୍ଟ ବାରିହୋଇ ପଡୁଥିଲା। ତାଙ୍କର ଏହି ସାମଗ୍ରିକ ସାହିତ୍ୟ କୃତି ପାଇଁ ଅନେକ ସମ୍ମାନର ଅଧିକାରୀ ହୋଇପାରିଥିଲେ ସେ। ଆଜି ରାମକୃଷ୍ଣ ନନ୍ଦ ଆମ ଗହଣରେ ନାହାଁନ୍ତି। ୧୯୯୪ ମସିହା ଅକ୍ଟୋବର ୨୮ତାରିଖରେ ତାଙ୍କର ଦେହାବସାନ ଘଟିଛି। ହେଲେ ତାଙ୍କ ରଚିତ କାଳଜୟୀ ଭକ୍ତି ସଂଗୀତ 'ଆହେ ଦୟାମୟ ବିଶ୍ୱ ବିହାରୀ' ପାଇଁ ସେ ସବୁଦିନ ପାଇଁ ଓଡିଆ ଜନମାନସରେ ସ୍ମରଣୀୟ ହୋଇ ରହିଥିବେ।

ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ : ୯୯୩୭୧୫୧୦୫୨




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶ୍ରୁତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନ୍‌ଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଲାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।







## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ ! ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି ! ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଷ୍ଟି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହଜାର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଚ୍ଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଟିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଟପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ ! ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତଉ କରିବାରେ ସଫଳ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା । ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ୍ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି । ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

### ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଜ୍ଞ ସମ୍ପର୍କୀୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀଙ୍କୁ ମିଳିଲାନି ଚିକିତ୍ସା

## ଟାଟାଷ୍ଟିଲ ଭୁଲିଗଲା ମାନବିକତା



ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗସ୍ତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପ ାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ ୍ଣି ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ ର୍ତ୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବର୍ତ୍ତେ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ ର୍ଣ୍ଣିଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ ଞ୍ଚି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ ର୍ତ୍ତି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ୍.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ୍ୟ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧ୍ୟରେ କୋଭିଡ ଡାକ୍ତରଖାନା ଥିବା ସତ୍ତ୍ୱେ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ । ତେଣେ ସରକାରୀ ଡାକ୍ତରଖାନାରୁ ପ୍ରସବ ଚିକିତ୍ସା ହେବା ପରେ ମହିଳା ଓ ତାଙ୍କ ପରିବାର ଜଳହରୀ ସ୍ଥିତ ଆଇଟିସି ଗ୍ରାମକୁ ଚାଲି ଯାଇଛନ୍ତି । ଯାହାକୁ ସଂକ୍ରମଣର ଆଶଙ୍କାକୁ ବଢାଇ ଦେଇଛି । ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନର ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ ବିବୃ ତ୍ତି ଦେଇ ସୂଚନା ଦେଇଛନ୍ତି ଯେ ସୁକୁମତୀ ପୂ ର୍ଣ୍ଣିଙ୍କୁ ଅକ୍ଟୋବର ୫ ତାରିଖ ରାତି ପ୍ରାୟ ୮.୪୦ ମିନିଟରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ୨ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । ଜଣେ ଡାକ୍ତର ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ । ଦ୍ୱିତୀୟ ଡାକ୍ତର କୋଭିଡରୁ ଏବେ ସୁସ୍ଥ ହୋଇଛନ୍ତି ଓ ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରିନଥିଲେ । ଏପରିସ୍ଥିତିରେ ରୋଗୀଙ୍କୁ ଏଠାରେ ଭ ର୍ତ୍ତି କରିବା ସମ୍ଭବପର ନଥିବାରୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ବିଷୟ-ୱାର୍ଡ଼ ନଂ ୩୮ରେ କରୋନା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପିଏନ)-ନୟାପଲ୍ଲୀ ୱାର୍ଡ଼ ନଂ ୩୮ ର ବାଲିତୋଟାସାହି ବସ୍ତିରେ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ନଂ ୩୮ର ପୂର୍ବତନ କର୍ପୋରେଟର୍ ନିଖିଳ କୁମାର ବଳବନ୍ତରାୟ, ଡେପୁଟୀ ସେକ୍ରେଟେରୀ ସ୍ପୋଟସ୍ ସିଲେନ୍ଦ୍ର କୁମାର ଜେନା, ଜେ.ଡି.ସି.ଓ ପ୍ରତାପ ପ...ନାୟକ, ୱାର୍ଡ଼ ଅଫିସର ନିଳମାଧବ ବିଶ୍ୱାଳ, କମ୍ୟୁନିଟି ଅର୍ଗାନାଇଜର୍ ନିବେଦିତା ଦାସ୍, ସାନିଟାରୀ ଇନସ୍ପେଟର ସୁନିଲ କୁମାର ସାହୁ ଓ ୱାର୍ଡ଼ର ସମସ୍ତ ସୁପରଭାଇଜର ଉପସ୍ଥିତ ରହି ଜନସାଧାରଣ କିପରିଭାବେ କରୋନାରୁ ବିତ ହେବେ ସେ ବାବଦରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ସଚେତନତାର ର୍ବା ବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ନଂ-୩୮ର ବାଲିତୋଟାସାହି ବସ୍ତିର ଅନେକ ମହିଳା ଓ ଯୁବବନ୍ଧୁମାନେ ଉପସ୍ଥିତ ଥିଲେ ।

## ରେଳବାଇ ଇଞ୍ଜିନିୟରିଂ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,(ପିଏନ)- ସମ୍ବଲପୁର ରେଳ ମଣ୍ଡଳର ଇଞ୍ଜିନିୟରିଂ ବିଭାଗର ସମ୍ବଲପୁର ଠାରେ କାର୍ଯ୍ୟରତ ଟେକ୍‌ନିସିଆନ ଜୟ ପ୍ରକାଶ ଭକ୍ତଙ୍କ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟ ପ୍ରତି ଉଲ୍ଲେଖନୀୟ ଯୋଗଦାନ ପାଇଁ ପୁରସ୍କୃତ କରାଯାଇଅଛି ।
ତାଙ୍କର କର୍ତ୍ତବ୍ୟ ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାର ପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ) ଜୟନ୍ତ କୁମାର ଖମାରୀ, ମଣ୍ଡଳ ଇଞ୍ଜିନିୟର (ମଧ୍ୟ) ସରୋଜ କାନ୍ତ ଦାସ ଉପସ୍ଥିତ ଥିଲେ ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ବାଲେଶ୍ୱର ସଦର ବିଧାନସଭା ଆସନ ଉପ ନିର୍ବାଚନ: ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ପୋଷ୍ଟାଲ ବାଲଟ୍ ସୁବିଧା

ବାଲେଶ୍ୱର(ପିଏନ)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ- ନିର୍ବାଚନରେ ନିର୍ଦ୍ଦିଷ୍ଟ କିଛି ବର୍ଗର ବ୍ୟକ୍ତିବିଶେଷଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା ଯୋଗାଇ ଦିଆଯିବ । ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ କମିଶନ ମାର୍ଗଦର୍ଶିକା ଜାରି କରିଛନ୍ତି । ପୂର୍ବରୁ କେବଳ ସରକାରୀ କର୍ମଚାରୀ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ମିଳୁଥିବା ବେଳେ ବର୍ତମାନ ଆହୁରି ତିନୋଟି ବର୍ଗର ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । କୋଭିଡ-୧୯ ନିମନ୍ତେ ସତର୍କତା ଅବଲମ୍ବନ ପୂର୍ବକ ଏହି ତିନୋଟି ବର୍ଗର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ଜରିଆରେ ମତଦାନ କରିବା ପାଇଁ ନିର୍ବାଚନ କମିଶନ ଅନୁମତି ପ୍ରଦାନ କରିଛନ୍ତି । ଏହି ତିନୋଟି ବର୍ଗ ହେଲେ ୧. ବରିଷ୍ଠ ନାଗରିକ(୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ) ୨. ଦିବ୍ୟାଙ୍ଗ ବ୍ୟକ୍ତି ଯାହାଙ୍କ ନାମ ମତଦାତା ସୂଚୀରେ ଚିହ୍ନିତ ହୋଇଥିବ । ୩. କୋଭିଡ୍-୧୯ରେ ଆକ୍ରାନ୍ତ ବା କୋଭିଡ-୧୯ରେ ପୀଡିତ ହୋଇଥିବା ନେଇ ସନ୍ଦେହ କରାଯାଉଥିବା ବ୍ୟକ୍ତିବିଶେଷ । ଉପରୋକ୍ତ ତିନି ଶ୍ରେଣୀର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ପାଇଁ ଫର୍ମ-୧୨ଘ(୧୨ଡ) ରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିବାକୁ ପଡିବ । ଏହି ଫର୍ମ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ)ମାନେ ବଂଟନ କରିବେ । ଏହି ତିନି ଶ୍ରେଣୀର ମତଦାତାମାନେ ଫର୍ମ ପୂରଣ କରି ବି.ଏଲ.ଓ.ମାନଙ୍କୁ ଫେରସ୍ତ କରିବେ । ଏହା ପରେ ସେମାନଙ୍କ ନାମରେ ପୋଷ୍ଟାଲ ବାଲଟ୍ ଜାରି କରାଯିବ । ଦ୍ୱିତୀୟରେ ପୋଷ୍ଟାଲ ବାଲଟ୍‌ଗୁଡିକୁ ଏହି ତିନି ଶ୍ରେଣୀର ମତଦାତାଙ୍କ ପାଖରେ ଜଣେ ବି.ଏଲ.ଓ. ବା ଅନ୍ୟାନ୍ୟଅଧିକାରୀଙ୍କ ଜରିଆରେ ସେମାନଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ମତଦାନ କରିବା ସହିତ ଲଫାପାରେ ସିଲ୍ କରି ସମ୍ପୃକ୍ତ ଅଧିକାରୀମାନଙ୍କ ମାଧ୍ୟମରେ ଫେରାଇ ପାରିବେ । ତାଙ୍କ ଘରକୁ ଅଧିକାରୀମାନେ ଯାଇ ଏହାକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ଗ୍ରହଣ କରିବା ପାଇଁ ବି.ଏଲ.ଓ. କିମ୍ବା ଅନ୍ୟାନ୍ୟ ଅଧିକାରୀମାନେ ୨ଥର ମତଦାତାଙ୍କ ଘରକୁ ଯିବେ । ସେହି ୨ ଥର ମଧ୍ୟରେ ମତଦାତାମାନେ ତାଙ୍କର ପୋଷ୍ଟାଲ ବାଲଟ୍ ପୂରଣ କରି ଫେରସ୍ତ କରିବା କାର୍ଯ୍ୟ ଯେପରି ସମାପନ କରିବେ, ତାହାକୁ ସୁନିଶ୍ଚିତ କରିବେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ବାଲେଶ୍ୱରଙ୍କ ତରଫରୁ ମତଦାତାମାନଙ୍କୁ ସୂଚୀତ କରାଯାଉଛି ଯେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ବାଧ୍ୟତାମୂଳକ ନୁହେଁ । ଦ୍ୱିତୀୟତଃ ଏହା ମଧ୍ୟ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଥରେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ ପାଇଁ ସମ୍ମତି ପ୍ରଦାନ କରିବା ପରେ ସେହି ବ୍ୟକ୍ତିବିଶେଷ ପୋଲିଂ ବୁଥରେ ଯାଇ ଭୋଟ୍ ଦେଇପାରିବେ ନାହିଁ । ନିର୍ବାଚନ ପାଇଁ ବିଜ୍ଞପ୍ତି ଆସନ୍ତା ଅକ୍ଟୋବର ୯ତାରିଖରେ ପ୍ରକାଶ ପାଇବାକୁ ଥିବା ବେଳେ ପୋଷ୍ଟାଲ ବାଲଟ୍ ପାଇଁ ଫର୍ମ-୧୨ଘ(୧୨ଡ)କୁ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ) ବା ଅନ୍ୟାନ୍ୟ ଅଧିକାରୀ ୯ତାରିଖରୁ ୧୩ତାରିଖ ମଧ୍ୟରେ ଉପରବର୍ଣ୍ଣିତ ବର୍ଗର ମତଦାତାମାନଙ୍କୁ ବଂଟନ କରିବା ସହ ଦରଖାସ୍ତଗୁଡିକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀ ହରିଶ ଚନ୍ଦ୍ର ଜେନାଙ୍କୁ ନୋଡାଲ୍‌ଅଫିସର ଭାବେ ଦାୟିତ୍ୱଦିଆଯାଇଛି । ଏ ସମ୍ପର୍କରେ କୌଣସି ସନ୍ଦେହ ଥିଲେ ତାଙ୍କ ମୋ. ନମ୍ବର-୯୪୩୭୧୭୪୫୧୩ରେ ଯୋଗାଯୋଗ କରିବାକୁ କୁହାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ସମସ୍ତ ରାଜନୈତିକ ଦଳ ଓ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି ।

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ତରଫରୁ ଜେଲ ଅନ୍ତେବାସୀଙ୍କୁ ମାସ୍କ ଏବଂ ହ୍ୟାଣ୍ଡ ଫ୍ରି ସାନିଟାଇଜର ପ୍ରଦାନ

କେନ୍ଦୁଝର,(ପିଏନ): କେନ୍ଦୁଝର ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ଏବଂ କୋଭିଡ-୧୯ ସଂକ୍ରମଣ ରୋକିବା ପାଇଁ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ମଙ୍ଗଳବାର ଦିନ ୬୦୦ମାସ୍କ,ସାନିଟାଇଜର,୪୦ଟି ହ୍ୟାଣ୍ଡ ଗ୍ଲୋବସ,ହ୍ୟାଣ୍ଡ ଫ୍ରି ସାନିଟାଇଜର,୨୦ଟି ପିପିଇ କିଟ,୬୦୦ ସାବୁନ ଦିଆଯାଇଛି । ଏହି ହ୍ୟାଣ୍ଡ ଫ୍ରି ସାନିଟାଇଜରରେ ହାତ ନଲଗାଇ ପ୍ୟାଡେଲ ମାଧ୍ୟମରେ ଗୋଡରେ ଚାପ ଦେଇ ହାତକୁ ସାନିଟାଇଜ କରାଯାଇପାରିବ । ଜେଲ ଅଧିକ୍ଷକ ଗରିବ ସାହୁ,ଜେଲର ଅମୀୟ ବେହେରା,ଆସିଷ୍ଟା ଜେଲର ମହେଶ୍ୱର କୁଜୁର,କାରା ମଙ୍ଗଳ ଅଧିକାରୀ ପୂଜା ନାୟକ,ୱାର୍ଡର ସ୍ୱାଗତ କୁମାର ରଥଙ୍କ ଉପସ୍ଥିତିରେ ଲୋଡିଂ ଏଜେନ୍ସି ର ସମ୍ପାଦକ ଅଞ୍ଜନ କୁମାର ବେଜ,ପ ାନନ ବାରିକ ଏହି ସାମଗ୍ରୀ ପ୍ରଦାନ କରିଛନ୍ତି । ଲୋଡିଂ ଏଜେନ୍ସି ପକ୍ଷରୁ ଜେଲ ଅନ୍ତେବାସୀଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିବାରୁ ଜେଲ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ୍ ୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଲଦା,ଫୁଲଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ତ୍ତିହୀନ ଅଭିଯୋଗ କରି କାରଖାନା କ ର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ ତ୍ତେଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍‌ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଲିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗ ଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତୃଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
ପର୍ଯ୍ୟବେକ୍ଷକ



# ବାତ୍ୟା 'ଦାନା'ରେ ସହାୟତାର ହାତ ବଢ଼ାଇଲେ ଅସହାୟର ବନ୍ଧୁ



ଜେନାପୁର,(ପି.ଏନ୍) ଯାଜପୁର ଜିଲ୍ଲାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭାବେ କାର୍ଯ୍ୟ କରି ଆସୁଥିବା ସଂଗଠନ ଅସହାୟର ବନ୍ଧୁ ସେବା ସଂଗଠନ ବେଶ୍ ଧର୍ମଶାଳା ଅଞ୍ଚଳରେ ସୁନାମ ଅର୍ଜନ କାର୍ଯ୍ୟ କରିଆସିଛି । ସେ ବାତ୍ୟା ଦାନା ହେଉ କି ହୁଡ୍‌ହୁଡ୍ କିମ୍ବା ଫନି,ତିତିଲି,ବନ୍ୟା ବା ମହାମାରୀ କୋରଣା ସମୟକୁ ଖାତିର୍ ନ କରି ନିଜ ଜୀବନକୁ ବାଜି ଲଗାଇ ସବୁବେଳେ ସବୁ ସମୟରେ ବାହାରି ପଡନ୍ତି ସମାଜର ଅସହାୟ,ଦଳିତ,ନିଷ୍ପେଷିତ ଲୋକଙ୍କ ପାଖରେ ପହଞ୍ଚି ସହଯୋଗର ହାତ ବଢାଇଥାନ୍ତି । ସଂଗଠନର ସଂପାଦକ ଗଣେଶ୍ୱର ନାୟକ ପରାମର୍ଶ କ୍ରମେ ନିକଟରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ 'ଦାନା' ବାତ୍ୟାକୁ ଲକ୍ଷ୍ୟ ରଖି ଝଡିପବନ ଓ ବର୍ଷାକୁ ଖାତିର୍ ନ କରି ବିଭିନ୍ନ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳି ଓ ଗ୍ରାମକୁ ଯାଇ ସୁଖିଲା ଖାଦ୍ୟ ଚୁଡା, ମୁଢ଼ି, ବିସ୍କୁଟ,ଚିନି, ମହମବତୀ, ଡିଆସିଲି ପ୍ରଦାନ କରାଯାଇଛି । ସଂଗଠନର ମୂଳ ଲକ୍ଷ୍ୟ କେବଳ ହେଉଛି ସେବା ଯାହା ସବୁବେଳେ ସବୁ ସମୟରେ ଅସହାୟଙ୍କ ସାଥିରେ ରହିଛି । ଏହି ସେବାକାର୍ଯ୍ୟରେ ସାମିଲ ହୋଇଥିବା ସଦସ୍ୟମାନେ ହେଲେ ସମ୍ପାଦକ ଗଣେଶ୍ୱର ନାୟକ,ସହ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି,ସନ୍ତୋଷ କୁମାର ଦାସ, କାଦମ୍ବିନୀ ମିଶ୍ର, ଅଜୟ କୁମାର ସେଠୀ, ରମେଶ କୁମାର ତରାଇ,ତପନ କୁମାର ସାହୁ, ନାଗାର୍ଜୁନ ସାମଲ, ଗଣେଶ୍ୱର ବେହେରା, ଚନ୍ଦନ କୁମାର ସାହୁ,ଅମର ନାୟକ,ନାରାୟଣ ପଣ୍ଡା ଓ ଲାଲୁ ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ । ଏପରି ସମାଜସେବୀ କାର୍ଯ୍ୟକୁ ଦେଖି ସ୍ଥାନୀୟ ଅଞ୍ଚଳର ଆବାଳ ବୃଦ୍ଧିଜୀବୀ ବୃହତ୍ତ ପ୍ରଶଂସା କରିଥିଲେ ।

# ଗଜପତିରେ ଅବକାରୀ ବିଭାଗ କୋମାରେ



ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲାରେ ଅବକାରୀ ବିଭାଗ କୋମାରେ ରହିଥିବା ଅନୁଧ୍ୟାନରୁ ଜଣା ପଡିଛି. ଅବକାରୀ ବିଭାଗ ଶୋଇଥିବାବେଳେ ଗଜପତି ଜିଲ୍ଲାରେ ପୋଲିସ କରୁଛି ଅବକାରୀ ବିଭାଗର କାର୍ଯ୍ୟ. ଅନେକ ସମୟରେ ଦେଶୀ ଚୋରା ମଦ କାରବାରରେ ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁଁ ପୋଲିସ ଚଢ଼ଉ କରି ଦେଶୀ ମଦ କାରବାରକୁ ଜବତ କରୁଛି. ଗତ ୨ ଦିନ ତଳେ ଗଜପତିର ଗାରାବନ୍ଧ ପୋଲିସ ଅବକାରୀ ବିଭାଗର ମାସିକ ପାଉଣାରେ ଚୋରା ଦେଶୀ ମଦ ଭାଟିରେ ମଦ ତିଆରି ପାଇଁ କଳାସିଂହ ଗ୍ରାମରେ ଗଚ୍ଛିତ ଥିବା ମହୁଲ ପୋଚ୍‌କୁ ଜବତ କରି ପୋଲିସ ନଷ୍ଟ କରିଥିବା ଜଣା ଯାଇଛି। ବେଆଇନ ଦେଶୀ ମଦ କାରବାର ବୃଦ୍ଧି ପାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ହାତଗଣତି ଦେଶୀ ମଦ ଭାଟି ରହିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଚୋରାରେ ରନ୍ଧା ଦେଶୀ ମଦ ପ୍ରଚୁର ପରିମାଣରେ ମିଳୁଛି । ପାରଳାଖେମୁଣ୍ଡି ସହରରେ ସରକାରୀ ଲାଇସେନ୍ସ ସ୍ୱୀକୃତ କୌଣସି ଦେଶୀ ମଦ କାଉଣ୍ଟର ନ ଥିଲେ ହେଁ ମହେନ୍ଦ୍ରତନୟା ନଦୀତଟ, ରାମନଗର, ମାର୍କେଟ ସାହି, ଜାଗିଲି ସାହି ଆଦିରେ ଦେଶୀ ମଦ ପାଉଚ୍ ବିକ୍ରି ହେଉଛି। ସେହିପରି ଚୋରା ରନ୍ଧା ମଦ ମଧ୍ୟ ଖୋଲାଖୋଲି ଭାବେ ବିକ୍ରି ହେଉଛି । କାଶୀନଗର ବ୍ଲକରେ ଅବକାରୀ ସ୍ୱୀକୃତପ୍ରାପ୍ତ ଏକ ମାତ୍ର ଭାଟି ଚାଲୁ ରହିଥ ?ିବା ବେଳେ ଅନ୍ୟ କେଉଁରେ ମଦଭାଟି ପାଇଁ ଲାଇସେନ୍ସ ନ ଥିବା ଜଣାପଡ଼ିଛି । ଏପରି ସ୍ଥଳେ ପ୍ରଚୁର ପରିମାଣର ଦେଶୀ ମଦ କେଉଁଠାରୁ ଆସୁଛି ତାହା ତଦନ୍ତ ସାପେକ୍ଷ ଅବକାରୀ ବିଭାଗ ନାମକୁମାତ୍ର କେତେଟି ସ୍ଥାନରେ ଚଢଉ କରି ଦାୟିତ୍ୱ ମୁକ୍ତ ହେଉଥିଲେ ମଧ୍ୟ ସେପରି ଆଖୁଦୃଶିଆ ଚଢଉ କରୁ ନ ଥିବାରୁ ଅବାଧ ଦେଶୀ ମଦ କାରବାର ବୃଦ୍ଧି ପାଉଛି ଓ ପାରଳା ସହର ସମେତ ଗଜପତି ଜିଲ୍ଲାର ଗୁମ୍ମା, କାଶୀନଗର, ମୋହନା, ନୂଆଗଡ, ରାୟଗଡ଼, ଆର. ଉଦୟଗିରି, ଗୋଷଣୀ ଆଦି ବ୍ଲକରେ ଅବକାରୀ ବିଭାଗର ସମ୍ପୂର୍ଣ୍ଣ ଜ୍ଞାତସାରରେ ଚୋରା ଦେଶୀ ମଦ ଭାଟି ରହିଥିବାବେଳେ ଗ୍ରାମାଞ୍ଚଳରେ ଶତାଧିକ ଚୋରା ମଦ ବିକ୍ରୟ କେନ୍ଦ୍ରରେ ଏପରି ଅବାଧ ଦେଶୀ ମଦ ବିକ୍ରି ଖୋଲାଖୋଲି ଭାବେ ହେଉଛି । ତାହାକୁ ରୋକା ନ ଗଲେ ଗଂଜାମ ଜିଲ୍ଲା ମଦ ମୃତ୍ୟୁ ଘଟଣା ଭଳି ଏଠାରେ ମଧ୍ୟ ମଦମୃତ୍ୟୁ ମାମଲା ହେବା ସମ୍ଭାବନା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି. ଜିଲ୍ଲା ପ୍ରଶାସନ ଏଥି ପ୍ରତି ଧ୍ୟାନ ଦେଇ ଅବାଧ ଦେଶୀମଦ କାରବାରକୁ ରୋକିବା ପାଇଁ ପ୍ରୟାସ କରିବାକୁ ଦାବି ହେଉଛି। ଏଠାରେ ସୂଚନାଯୋଗ୍ୟଯେ, ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ପୁଲିସ ପକ୍ଷରୁ କଳାସିଂହ ଗ୍ରାମରେ ଚୋରା ଦେଶୀମଦ ପ୍ରସ୍ତୁତି ପାଇଁ ଥିବା ମହୁଲ ପୋଚ୍‌କୁ ଜବତ କରାଯାଇ ନଷ୍ଟ କରାଯାଇଛି। ଏହି ଅଚାନକ ଚଢ଼ଉର ନେତୃତ୍ୱ ନେଇଥିଲେ ସ୍ଥାନୀୟ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିସିକାଙ୍କ ସହ ଏସ୍ ?ଆଇ ନାରାୟଣ ଦାସ ଏବଂ ଗାରାବନ୍ଧ ପୁଲିସ କର୍ମଚାରୀ। ଗତ କିଛି କିଛିଦିନ ପୂର୍ବ ? ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅଞ୍ଚଳରେ ଚୋରା ଦେଶୀମଦ ପିଇ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ଚିକିତ୍ସାଧୀନ ଥିବା । ଜଣାପଡ଼ିଛି। ସେହିପରି ଗଜପତି ଜିଲ୍ଲାର ଅନେକ ଅଞ୍ଚଳରେ ଚୋରା ଦେଶୀମଦ ପ୍ରସ୍ତୁତି ହୋଇ ଚୋରାରେ ବିକ୍ରି ହେଉଥିବା ବେଳେ ଅବକାରୀ ଏବଂ ସ୍ଥାନୀୟ ପୁଲିସ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚୋରାମଦ ପ୍ରସ୍ତୁତି ସ୍ଥାନ ଚିହ୍ନଟ କରି ଏହାକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେବା ସହ ଆଗାମୀ ଦିନରେ ଯେପରି ଅକାଳରେ ମଦ ପିଇ ନିରୀହ ଜୀବନ ନଯାଏ ସେଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ମିଡିଆ ଫୋରମ ପକ୍ଷରୁ ସ୍ୱର୍ଗତ କ୍ୟାମେରା ମ୍ୟାନ ଦୁଃଖୀ ଶ୍ୟାମ ପ୍ରଧାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଫୁଲବାଣୀ : କନ୍ଧମାଳ ଜିଲ୍ଲା ମିଡିଆ ଫୋରମ ପକ୍ଷରୁ ସ୍ୱର୍ଗତ ବରିଷ୍ଠ କ୍ୟାମେରା ମ୍ୟାନ ଦୁଃଖୀ ଶ୍ୟାମ ପ୍ରଧାନଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଜିଲ୍ଲା ପ୍ରେସ କ୍ଲବ ଠାରେ ଏକ ଶୋକ ସଭା ଆୟୋଜନ କରାଯାଇଥିଲା କ୍ଷ ସର୍ବପ୍ରଥମେ ସମ୍ପାଦକ ଶିବ ବିଶ୍ୱାଳ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସଭାପତି ସୂର୍ଯ୍ୟ ନାରାୟଣ ବେହେରାଙ୍କୁ ସଭା ପରିଚାଳନା କରିବା ପାଇଁ ଅନୁରୋଧ କରିଥିଲେ କ୍ଷ ସଭାପତି ଅନୁରୋଧ କ୍ରମେ ସ୍ୱର୍ଗତ ଦୁଃଖୀ ଭାଇଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ଦୁଇ ମିନଟ ନୀରବ ପ୍ରାର୍ଥନା ପୂର୍ବକ ଫୋଟ ପ୍ରତିଛବି ରେ ପୁଷ୍ପ ଓ ଧୂପ ପ୍ରଦାନ କରାଯାଇଥିଲା । ପରେ ସଂଘର ବରିଷ୍ଠ ଉପଦେଷ୍ଟା ତଥା ସାମ୍ବାଦିକ ଗୋପାଳ କୃଷ୍ଣ ପଟ୍ଟନାୟକ ଦୁଃଖୀ ଶ୍ୟାମଙ୍କ ସ୍ମୃତି ଉଚ୍ଚାରଣ କରିଥିଲେ କ୍ଷ ଏଥି ସହିତ ପୂର୍ବତନ ଚାଇଲ୍ଡ ଲାଇନ ସଦସ୍ୟ ଶିବ ବେହେରା ସ୍ୱର୍ଗତ ଦୁଃଖୀ ଭାଇ ଜଣେ ହସଖୁସି ମିଜାଜ ଓ ମେଳାପୀ ଥିଲେ କ୍ଷ ସାନକୁ ଶ୍ରଦ୍ଧା ବଡ଼କୁ ସମ୍ମାନ ପ୍ରଦାନ କରୁଥିଲେ ବୋଲି କହିଥିଲେ କ୍ଷ ତାଙ୍କ ସ୍ମୃତିରେ ସଦସ୍ୟ ମାନେ ନିଜ ନିଜର ଅଭିଜ୍ଞତା ସମ୍ବନ୍ଧରେ କିଛି କିଛି ବକ୍ତବ୍ୟ ରଖିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ସଂଘର ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ବ୍ରଜ ମୋହନ ନାୟକ, ବୈଦ୍ୟ ନାଥ ନାୟକ, ଶିବ ପ୍ରସାଦ ନାୟକ, ରଞ୍ଜନ ଦାସ, ପ୍ରଶାନ୍ତ ଜେନା, ଶିବ ରାମ ନାୟକ,ପ୍ରଶାନ୍ତ ପଣ୍ଡା, ରଞ୍ଜିତ କୁମାର ଦିଗାଲ, ସୁଧୀର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ବାସୁଦେବପୁରରେ ଧରାପଡିଲେ ଗଞ୍ଜେଇ ବେପାରୀ

ବାସୁଦେବପୁର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳ ରେ ପଶ୍ଚିମବଙ୍ଗର ଗଞ୍ଜେଇ ବେପାରୀ ଙ୍କ ରାଜ ଦିନକୁ ଦିନ ବଢିବାରେ ଲାଗିଥିବାବେଳେ ଗତକାଲି ଅପରାହ୍ନରେ ବେତଡା ଗୋରୁ ହାଟ ନିକଟରୁ ତିନି ଜଣ ଙ୍କୁ ଗିରଫ କରିଛି ବାସୁଦେବପୁର ପୋଲିସ । ଏହି ଅବସରରେ ବାସୁଦେବପୁର ଥାନା ପରିସରରେ ଏକ ଖବର ଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ବାସୁଦେବପୁର ଆଇ ଆଇ ସି ଲୋପାମୁଦ୍ରା ନାୟକ। ବାସୁଦେବପୁର ପୋଲିସ କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ଲୋପାମୁଦ୍ରା ନାୟକ ଙ୍କ ତତ୍ତ୍ୱାବଧାନରେ ଏସଆଇ ପୁନମ ଦେବୀ ବେହେରା, ଏସଆଇ ଅଧିକାରୀ ଦେବି ପ୍ରସାଦ ମହାପାତ୍ର ଙ୍କ ସହିତ କନେଷ୍ଟବଳ ସଞ୍ଜୟ ମହନ୍ତ ବେତଡା ଗୋରୁ ହାଟ ଛକରୁ ଗଞ୍ଜେଇ ବେପାରୀ ଏକ ୱାଗନର ଗାଡି ( ଡବ୍ଲୁ ବି ୦୨ଏସ ୨୧୪୩ ) ରେ ଗଞ୍ଜେଇ ଭର୍ତ୍ତି କାରଟିକୁ କାବୁ କରିଥିଲେ ଏବଂ ତିନି ଜଣ ଗଞ୍ଜେଇ ବେପାରୀ ଙ୍କ ସହିତ ୨୦ କିଲୋଗ୍ରାମ ରୁ ଅଧିକ ଗଞ୍ଜେଇ , ଏକ ୱାଗନର ଗାଡି ( ଡବ୍ଲୁ ବି ୦୨ଏସ ୨୧୪୩ ) ,ଏକ ହୋଣ୍ଡା ୟୁନିକନ ମଟରସାଇକେଲ ( କେ ଏ ୦୨ ଇ ଏସ ୨୩୪ ) , ତିନୋଟି ମୋବାଇଲ, ନଗଦ ୫୦୦୦୦ ଟଙ୍କା ଜବତ୍ କରିଥିଲେ। ଗିରଫ ହୋଇଥିବା ତିନି ଜଣ ପଶ୍ଚିମ ବଙ୍ଗର ୨୪ ପ୍ରଗଣାର କାଲୁ ହଲଦାର (୩୭), ମୋସରାଫିଲ୍ ଲସ୍କର (୧୯), ସଞ୍ଜୟ ସରକାର (୪୭)। ଏହି ଘଟଣାରେ ଗିରଫ ହୋଇଥିବା ତିନି ଜଣଙ୍କୁ କେଶ ନଂ ୫୩୫/୨୪ରେ ୟୁ/ଏସ - ୨୦ ( ବି)( ସସ )(ସି) ଏନଡିପିଏସରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ବାସୁଦେବପୁର ପୋଲିସ। ସେହିପରି ଭାବରେ ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ଜଣେ ଗଞ୍ଜେଇ ବେପାରୀ ଙ୍କୁ ଗିରଫ କରିବା ସହିତ ୯ କିଲୋଗ୍ରାମ ର ଗଞ୍ଜେଇ ଜବତ୍ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗତକାଲି ସକାଳ ପ୍ରାୟ ୯ଟା ସମୟରେ କୌଣସି ସୂତ୍ରରୁ ଖବର ପାଇ ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ସୁପରିନଟେଣ୍ଡେଣ୍ଟ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଆଇ ସି ନଟବର ମଲ୍ଲିକ୍ ଏବଂ ତାଙ୍କ ଟିମ୍ ଙ୍କ ମିଳିତ ଭାବରେ ଚଢାଉ କରି ମାତାଜୀମଠ ଛକରୁ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହିତ ଏକ ହୁଣ୍ଡାଇ କାର ( ଓ ଡି ୦୧ ୱାଇ ୬୫୬୯) ଏବଂ ନଗଦ ୧୨୦୦୦ ଟଙ୍କା ଜବତ୍ କରିଥିଲେ। ଗିରଫ ହୋଇଥିବା ଗଞ୍ଜେଇ ବେପାରୀ ବେତଡା ଚନ୍ଦନପୁର ଗ୍ରାମ ର କଳ୍ପତରୁ ବିଶ୍ୱାଳଙ୍କୁ କେଶ ନଂ ୬୬/ ୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ତାପମାତ୍ର ଓ ପରିବେଶ ସୁରକ୍ଷା ପାଇଁ ଗୁରାଣ୍ଡିରେ ଯୁବଗୋଷ୍ଠୀଙ୍କ ଚାରାରୋପଣ



ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗ୍ରାମାଞ୍ଚଳରେ ଗୁରାଣ୍ଡି ଗ୍ରାମର ଯୁବ ଗୋଷ୍ଠୀଙ୍କ ଦ୍ୱାରା ଚାରାରୋପଣ କରାଯାଇଛି। ଉତ୍ତାପ ବୃଦ୍ଧି ପରିବେଶର ସୁରକ୍ଷା ପାଇଁ ଏହି ଯୁବଗୋଷ୍ଠୀ ଗୁରାଣ୍ଡି ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନର ଚାଷ ଜମି ହିଡ, ପୋଖରୀ ନିକଟ, ଖାଲି ପଡ଼ିଆରେ ଚାରାରୋପଣ କରିଥିଲେ ଓ ବୃକ୍ଷଲତା ହାନୀ ଯୋଗୁଁ ଦିନକୁ ଦିନ ବଢୁଥିବା ତାପମାତ୍ରା, ଜଳବାୟୁରେ ପରିବର୍ତ୍ତନ, ଅଭାବୀ ବର୍ଷା, ପରିବେଶ ପ୍ରଦୂଷଣ ଆଦି ବିଶେଷ ଭାବେ ବୃଦ୍ଧି ପାଉଛି । ଧରାପୃଷ୍ଠରକୁ ସୁରକ୍ଷା ଦେବାକୁ ହେଲେ ବୃକ୍ଷ ହିଁ ଏକ ମାତ୍ର ବିକଳ୍ପ ବୋଲି ହୃଦବୋଧ କରି ଏହି ଯୁବ ଗୋଷ୍ଠୀ ନିଜସ୍ୱ ଉଦ୍ୟମରେ ଗଛ ଲଗାଇବା ସହ ଗଛକୁ ବଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ଓ ଯେଉଁ ସ୍ଥାନରେ ଚାରାରୋପଣ କରିଛନ୍ତି ତାର ସୁରକ୍ଷା ଦାୟିତ୍ୱ ଠାରୁ ଆରମ୍ଭ କରି ଗଛ ବଡ ହେବା ପର୍ଯ୍ୟନ୍ତ କାମ କରିବୁ ବୋଲି ଯୁବଗୋଷ୍ଠୀ ସଦସ୍ୟ କେ. ସୁଶାନ୍ତ ଆଦିନାରାୟଣା, ଏନ୍ ଭେଙ୍କଟରାଓ, ଲଳିତ କୁମାର ରାଉତ, ମହେନ୍ଦ୍ର ପାତ୍ର, ଏସ୍. ମୋହନ ରାଓ, ଜି. ରାଜେଶ, କୁମାର ସାମଲ, ରୋହିତ କୁମାର ନାୟକ, ଡି ହେମାଞ୍ଜଳମ୍, ସନ୍ତୋଷ କୁମାର ବେହେରା, ରାଜୁ ପଣ୍ଡା, ତୁଳସୀ କିଶୋର, ଡି. ପ୍ରଦୀପ, ଟି. ରମେଶ ଓ ଏନ୍. ଜଗଦୀଶ ପ୍ରମୁଖ କହିଛନ୍ତି।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray